ବର୍ଷ-୨୫, ସଂଖ୍ୟା-୨୪୯
ଭୁବନେଶ୍ୱର
୧୬, ସେପ୍ଟେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 249
Bhubaneswar
16, September, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଦିଶା ପଟାନୀଙ୍କ ଘରେ ଉପରକୁ ବୋମାମାଡ଼



## ଡ୍ରାଇଭିଂ ବେଳେ ରିଲ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୫।୯ (ମହାଭାରତ):** ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଓଡ଼ିଶାର ସମସ୍ତ ଅଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଙ୍କୁ ରାସ୍ତା ସୁରକ୍ଷା ଉଲ୍ଲଘଂନକାରୀ, ବିଶେଷକରି ଗାଡ଼ି ଚଳନା ବେଳେ ରିଲ୍ କିମ୍ବା ଭିଡିଓ ପ୍ରସ୍ତୁତକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏହା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ପରେ ଜାରି ହୋଇଛି। ଖୋର୍ଦ୍ଧା ଅତିରିକ୍ତ ଆରଟିଓ, ଜଗତସିଂହପୁର ଓ ଭୁବନେଶ୍ୱର-୧ ଆରଟିଓ ଏବଂ ପୋଲିସ ସହଯୋଗରେ ଖୋର୍ଦ୍ଧାର ହଳଦିଆରେ ଏକ ସ୍କୁଲ ସାମ୍ନାରେ ରିଲ୍ ତିଆରି କରୁଥିବା ଏକ ଗାଡ଼ି ଜବତ କରିଛନ୍ତି। ଭାଇରାଲ ଭିଡିଓରେ ଡ୍ରାଇଭର ଷ୍ଟିୟରିଂ ନ ଧରି ଷ୍ଟଣ୍ଟ କରୁଥିବା ଦେଖାଯାଇଥିଲା ଡ୍ରାଇଭରଙ୍କୁ ଜୋରିମାନା କରାଯାଇ ତାଙ୍କ ଲାଇସେନ୍ସ ସସ୍ପେଣ୍ଡ ଓ ଗାଡ଼ିର ରେଜିଷ୍ଟ୍ରେସନ ବାତିଲ ପାଇଁ ପଦକ୍ଷେପ ନିଆଯାଇଛି।



ଅନ୍ୟ ଏକ ଘଟଣାରେ, ଭୁବନେଶ୍ର-୨ ଆରଟିଓ ଏକ ଦମ୍ପତିଙ୍କ ରିଲ୍ ତିଆରି ପାଇଁ ବ୍ୟବହୃତ ମୋଟରସାଇକେଲ ଜବତ କରିଛନ୍ତି। ଡ୍ରାଇଭରଙ୍କୁ ଦଣ୍ଡ ଓ ଲାଇସେନ୍ସ ସସପେ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଏହା ସହ, କୋରାପୁଟ ଜିଲାର ବରିନିପୁଟା ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଡ଼ିତ ଟ୍ରକର ରେଜିଷ୍ଟ୍ରେସନ ବାତିଲ କରାଯାଇଛି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ଲାଇସେନ୍ସ ସସ୍ପେଣ୍ଡ କରାଯାଇ ତାଙ୍କୁ ଅଟକ ରଖାଯାଇଛି। ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ମତ୍ୟୁ ହୋଇଥିଲା। ମୋଟର ଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ୨୫ ହଜାର କୋଟିର ୨୭ ପ୍ରକଳ୍ପର ଭିତ୍ତିପ୍ରସ୍ତର

**ଭୁବନେଶ୍ୱର, ୧୫।୯ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କନ୍‌ଭେନସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସୂଚନାଯୋଗ୍ୟ, ୨୭ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ସମୁଦାୟ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି।

ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥି। ଯୁବଶକ୍ତିଙ୍କ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜକଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ। ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକ ମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍‌ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକ ମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକ୍‌ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରି ପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ। ମୁଖ୍ୟମନ୍ତ୍ରୀ କହିଛନ୍ତି,




ଆମ ସରକାର ମାତ୍ର ୧୫ ମାସ ହେବ ଓଡିଶାର ଶାସନ ଦାୟିତ୍ୱ ନେଇଛନ୍ତି। ଏହି ଅଳ୍ପ ସମୟ ମଧ୍ୟରେ ଆମ ସରକାର ୨୬୦ ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଆମେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ। ଏହା ଦ୍ୱାରା ଓଡିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି, ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି। ଶିଳ୍ପପତିମାନଙ୍କୁ ଭରଷା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହିତ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି। ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ, ଶିଳ୍ପପତି ମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ, ଆମେ ସବୁ ସମୟରେ ଉପସ୍ଥିତ ଅଛୁ। ଯେକୌଣସି ଅସୁବିଧାରେ ଶିଳ୍ପପତିମାନଙ୍କ ସମସ୍ୟା ଦୂର କରିବା ପାଇଁ ଆମେ ଆମ ସରକାର ପ୍ରସ୍ତୁତ ଅଛନ୍ତି। ଏକ୍ ପେଡ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସମସ୍ତ ଉଦ୍‌ଯୋଗୀ ତଥା ଶିଳ୍ପାନୁଷ୍ଠାନ ଗୁଡିକ ନିଜ ନିଜ ଅଂଚଳରେ ଯେତେ ଅଧିକ ସମ୍ଭବ ଚାରା ରୋପଣ କରନ୍ତୁ। ବିକାଶ ଓ ପରିବେଶ ପରସ୍ପରର ପରିପୁରକ ହୋଇ କାର୍ଯ୍ୟ କରିବା ଉଚିତ୍। ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ। ଓଡିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ, ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ, ଓଡିଶାବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗେଇବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହି ଅଭିଯାନରେ ଶିଳ୍ପସଂସ୍ଥାମାନଙ୍କୁ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୧୫ ମାସରେ ୨୬୦ ଶିଳ୍ପ ପ୍ରକଳ୍ପ ମଞ୍ଜୁର, ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଶିଳ୍ପପତି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡା, କୋରାପୁଟ ଓ ଅନୁଗୋଳ ଠାରେ ଆଭାସୀ ମାଧ୍ୟମରେ ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁଥିବା ଶିଳ୍ପପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢିତୋଳିବା ପାଇଁ ସକ୍ଷମ ହୋଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ବିଶ୍ୱାସ ଆଜି ଆମ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯାହାର ଇଚ୍ଛା ଓ ଦୃଢ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି ଯେ କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ। ଏହି ଭରଷାରେ ରାଜ୍ୟ ସରକାର ଆଜି ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## କଟକରେ ଉଠୁନି ଅଳିଆ

**କଟକ, ୧୫।୯ (ମହାଭାରତ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହରର ଆବର୍ଜନା ସମସ୍ୟା ସମାଧାନ ଲାଗି ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ଜିଲ୍ଲାପାଳ ସମେତ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ମେୟର, କଟକ କମିଶନର, ଡିସିପି, ଅନ୍ୟ ବିଭାଗୀୟ ଅଧିକାରୀ ବାରଙ୍ଗ ଜୋନ ଜିଲ୍ଲାପରିଷଦ ସଦସ୍ୟ ଏବଂ ମୁଣ୍ଡୁଳି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସାମିଲ ହୋଇଥିଲେ। ମଙ୍ଗଳବାର ସିଏମସି ଟିମ୍ ସେଠାକୁ ଗସ୍ତ କରିବ।



ଆବର୍ଜନା ପଡୁଥିବା ଚକ୍ରଧରପୁରର ଉନ୍ନତିମୂଳକ କାମ ଯାହା ସିଏମସି କରିବାକୁ କହିଥିଲା ତାହା କରିବ ବୋଲି ଭରସା ଦେଲେ ପରବର୍ତ୍ତି ନିଷ୍ପତି କରାଯିବ। ଆବର୍ଜନା ଚରିପଟେ ୱାଲ୍ ନିର୍ମାଣ, ରାସ୍ତା ନିର୍ମାଣ, ଲାଇଟ୍, ପଞ୍ଚାୟତରେ ଉନ୍ନତି ମୂଳକ କାମ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଆଲୋଚନ ହୋଇଛି, ଆଗାମୀ ଦିନରେ ପ୍ରତିଶ୍ରୁତି ମୁତାବକ କାମ ପୁରଣ କରିବ ସିଏମସି। ଅନ୍ୟପକ୍ଷରେ ୪ ଦଫା ଦାବି ନେଇ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ ଧାରଣା ଦେଇଥିଲେ।

# ୩ ହାର୍ଡକୋର ମାଓବାଦୀ ମୃତ

**ନୂଆଦିଲ୍ଲୀ, ୧୫।୯ (ମହାଭାରତ):** ନକ୍ସଲ ବିରୋଧୀ ଅଭିଯାନକୁ ଆଉ ଏକ ବଡ ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ ଜଣ କୁଖ୍ୟାତ ମାଓବାଦୀ। ଗୁଇନ୍ଦା ବିଭାଗ ସୂଚନା ଆଧାରରେ ଝାରଖଣ୍ଡର ହଜାରିବାଗ ଅନ୍ତର୍ଗତ କାରାଣ୍ଡି ଗାଁରେ ହୋଇଥିବା ସର୍ଚ୍ଚ ଅପରେସନ ଓ ପରେ ହୋଇଥିବା ଗୁଳି ବିନିମୟ ପରେ ଏପରି ସଫଳତା ମିଳିଛି।


ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସିପିଆଇ(ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ସହଦେବ ସୋରେନ ଓରଫ ପରବେଶ। ଏକାଧିକ ହିଂସକାଣ୍ଡ ଓ ହମଲାରେ ସାମିଲ ଥିବା ସହଦେବକୁ ଧରିବା ପାଇଁ ପୁଲିସ୍ ପକ୍ଷରୁ

### ପ୍ରଶଂସା କଲେ ଶାହା

ଦୀର୍ଘ ଦିନ ହେଲା ପ୍ରୟାସ ଚାଲିଥିଲା। ତା' ମୁଣ୍ଡ ଉପରେ ମଧ୍ୟ ୧ କୋଟିର ପୁରସ୍କାର ରାଶି ରହିଥିଲା। ଏବେ ସେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି। ବିହାର-ଝାରଖଣ୍ଡ ସ୍ପେଶାଲ ଏରିଆ କମିଟି ସଦସ୍ୟ ରଘୁନାଥ ହେମ୍‌ରୋମ ଓରଫ ଚଞ୍ଚଳର ଖେଳ ମଧ୍ୟ ଖତମ କରିଛନ୍ତି ସୁରକ୍ଷାକର୍ମୀ। ତା' ମୁଣ୍ଡ ଉପରେ ୨୫ ଲକ୍ଷର ପୁରସ୍କାର ରହିଥିଲା। ନିହତ ତୃତୀୟ ମାଓବାଦୀ ଜଣକ ହେଲେ ବୀରସେନ ଗାନଝୁ ଓରଫ ରାମଖେଲାୱନ। ସେ ଜୋନାଲ କମିଟି ସଦସ୍ୟ ଭାବେ କାମ କରୁଥିଲା ଓ ତା'କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ସୁରକ୍ଷାକର୍ମୀ ଏହି ୩ କୁଖ୍ୟାତ ମାଓବାଦୀଙ୍କ ମୃତଦେହକୁ ଜବତ କରିଛି। ଘଟଣା ସ୍ଥଳରୁ ଏକେ-୪୭ ରାଫଲ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ହଜାରିବାଗ ପୁଲିସ୍ ଓ ସିଆରପିଏଫ ୨୦୯ କୋବ୍ରା ବାଟାଲିୟନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଥିବା ବରିଷ୍ଠ ଅଧିକାରର ସୂଚନା ଦେଇଛନ୍ତି।

ଏହାପୂର୍ବରୁ ଗତକାଲି ମାନାଟୁ ଜଙ୍ଗଲରେ ହୋଇଥିବା ଏନକାଉଣ୍ଟରରେ ମୁକେଶ ଯାଦବ ନାମକ ଜଣେ ମାଓବାଦୀର ମୁଣ୍ଡ ଗଡିଥିଲା। ତା'କୁ ଧରିବା ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ନକ୍ସଲମାନଙ୍କ ଉପସ୍ଥିତି ବିଷୟରେ ଗୁପ୍ତ ସୂଚନା ପାଇବା ପରେ, ଏସ୍‌ପି ରିଷ୍ମା ରାମେଶନ, ସହାୟକ ଏସ୍‌ପି ରାକେଶ କୁମାର ସିଂହ ଏବଂ ହୁସେନାବାଦ ଏସ୍‌ଡିପିଓ ମହମ୍ମଦ ଯାକୁବଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଅଭିଯାନ



ଆରମ୍ଭ କରାଯାଇଥିଲା। ସୁରକ୍ଷା ବାହିନୀ ତାରହାସି ଏବଂ ମାନାଟୁ ଥାନା ଅଞ୍ଚଳର ସୀମାନ୍ତ ଜଙ୍ଗଲରେ ନକ୍ସଲମାନଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ, ଯାହା ପରେ ଉଭୟ ପକ୍ଷରୁ ଗୁଳିଚଳନା ହୋଇଥିଲା ଏହି ଏନକାଉଣ୍ଟରରେ ଟି.ଏସ୍.ପି.ସିର ସକ୍ରିୟ ନକ୍ସଲ ନେତା ମୁଖଦେବ ଯାଦବ ଓରଫ ତୁଫାନ ନିହତ ହୋଇଛନ୍ତି। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ, ଆଜି ଝାଡ଼ଖଣ୍ଡର ହଜାରିବାଗରେ ନକ୍ସଲ ବିରୋଧୀ ଅଭିଯାନରେ ଏକ ବିଶାଳ ସଫଳତା ହାସଲ କରିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍)ର କୋବ୍ରା ବାଟାଲିୟନ ଏବଂ ଝାଡ଼ଖଣ୍ଡ ପୋଲିସକୁ ପ୍ରଶଂସା କରିଛନ୍ତି। ଶ୍ରୀ ଶାହ ଆହୁରି କହିଛନ୍ତି ଯେ ଏହି ନକ୍ସଲ ବିରୋଧୀ ଅଭିଯାନ ପରେ, ଉତ୍ତର ଝାଡ଼ଖଣ୍ଡର ବୋକାରୋ ଅଞ୍ଚଳରୁ ନକ୍ସଲବାଦ ସମ୍ପୂର୍ଣ୍ଣ ଭାବରେ ମୂଳପୋଛ କରାଯାଇଛି ଖୁବ୍ ଶୀଘ୍ର, ସମଗ୍ର ଦେଶ ନକ୍ସଲବାଦର ଭୟରୁ ମୁକ୍ତ ହେବ।

## ସରକାରଙ୍କ ପାଖରେ ଯଥେଷ୍ଟ ସାର ଅଛି : ସମବାୟ ମନ୍ତ୍ରୀ

**ଭୁବନେଶ୍ୱର, ୧୫।୯ (ମହାଭାରତ):** ସରକାରଙ୍କ ପାଖରେ ଯଥେଷ୍ଟ ସାର ଅଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ସରକାର ପାଖରେ ଆହୁରି ୧ ଲକ୍ଷ ୮୦ ହଜାର ଟନ ସାର ମହଜୁଦ ଅଛି। ଗତ ବର୍ଷ ଚଳିତ ମାସ ସୁଦ୍ଧା ୮ ଲକ୍ଷ ୫୦ ହଜାର ଟନ ସାର ବଂଟା ଯାଇଥିଲା। ଚଳିତ ବର୍ଷ ୧୦ ଲକ୍ଷ ୮୫ ହଜାର ଟନ ସାର ବଂଟା ସରିଲାଣି। ପର୍ଯ୍ୟାପ୍ତ



ସାର ମହଜୁଦ ଅଛି। ଆବଶ୍ୟକ ହେଲେ ଆହୁରି ସାର ମଗେଇବୁ। ବିରୋଧୀ ଲୋକ ସାର ନାହିଁ ବୋଲି ନେରେଟିଭ ତିଆରି କରୁଛନ୍ତି। ଚଳିତ ବର୍ଷ ଅଧିକ ଧାନ ଚାଷ କରାଯାଇଛି। ଆଗୁଆ ବର୍ଷା ଯୋଗୁଁ ଶୀଘ୍ର ସାରର ଦରକାର ହେଲା। ଡିଲରଙ୍କ ଉପରେ ତୀକ୍ଷ୍ଣ ନଜର ଅଛି। ଯେଉଁଠି ସାର କଳାବଜାରୀ ହେବ ଆକ୍ସନ ହେବ। ସେହିପରି ବିଜେଡିର ଆନ୍ଦୋଳନ ନେଇ ସେ କହିଛନ୍ତି ଲୋକେ ସବୁ ଜାଣୁଛନ୍ତି, ବିଜେଡି ଯେତେ ସୋ ବାଜି କଲେ ବି ଲାଭ ଦେବ ନାହିଁ।

# ବିଭିନ୍ନ ବର୍ଗରେ ୧୬୮୬ ଜଣଙ୍କୁ ନିଯୁକ୍ତିପତ୍ର

**ଭୁବନେଶ୍ୱର, ୧୫।୯ (ମହାଭାରତ):** ସରକାରୀ ଚାକିରୀ କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରିନଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତି ମେଳା ଅବସରରେ ନବ ନିଯୁକ୍ତ ଅଧିକାରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ର ଇଡ୍‌କୋ ପ୍ରଦର୍ଶନୀ ପଡିଆ ଠାରେ ଏକାଦଶତମ ନିଯୁକ୍ତି ମେଳା ଆଜି ଅନୁଷ୍ଠିତ ହୋଇଛି ଏଥିରେ ୭ଟି ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ସରକାରଙ୍କ ଦ୍ୱିତୀୟ ବର୍ଷ ପ୍ରାରମ୍ଭର ଏହା ହେଉଛି ଦ୍ୱିତୀୟ ନିଯୁକ୍ତି ମେଳା। ମୁଖ୍ୟମନ୍ତ୍ରୀ ଉପସ୍ଥିତ ନବ ନିଯୁକ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆପଣ ମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ, ସୁନାମ ଅର୍ଜନ କରନ୍ତୁ, ସଚ୍ଚୋଟତାକୁ ର୍କ କଲଚରର ଅବିଚ୍ଛେଦ୍ୟ ଅଙ୍ଗ ବନାନ୍ତୁ ଅସୀମିତ ଆତ୍ମସନ୍ତୋଷ ପାଇବେ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ହେବ ଆପଣଙ୍କ ପାଇଁ ସବୁଠାରୁ ବଡ ପୁଞ୍ଜି।

ସେ ପୁଣି କହିଥିଲେ, ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ




ଆମେ ଆଜିକୁ ମିଶାଇ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ମେରିଟ୍ ବେସିସ୍‌ରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରାଜ୍ୟରେ ଯୁବ ବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତାକୁ ଗୁରୁତ୍ୱ ଦିଆଯିବ : ଧର୍ମେନ୍ଦ୍ର

**ବାରିପଦା, ୧୫।୯ (ମହାଭାରତ):** ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି।

ଉକ୍ତ ବୈଠକରେ ନବଜାତ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଚର୍ଚ୍ଚା ହୋଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଶିକ୍ଷାକୁ ଆଗେଇ ନେବାରେ ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ। ମୟୂରଭଞ୍ଜରେ ଅନେକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଅଛି। ଏହି ଜିଲ୍ଲାର ବିକାଶ ନ ହେଲେ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ସମ୍ଭବ ହୋଇପାରିବ ନାହିଁ। ବୈଠକରେ ନବଜାତ ଶିଶୁଙ୍କ ପୋଷଣ ଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ, ତାହା ଉପରେ ଚର୍ଚ୍ଚା ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ବଢାଇବା ଆବଶ୍ୟକ। ସାକ୍ଷରତା ହାର ବୃଦ୍ଧି କରିବା ସହ ସ୍କୁଲରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକ ମାନକୁ ବଢାଇବା ଦିଗରେ ଯୋଜନା କରାଯିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ ଓଡ଼ିଶାର ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ଜିଲ୍ଲାର ସମସ୍ତ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଦେଶରେ ଅନୁପ୍ରବେଶକାରୀଙ୍କ ମନମାନୀ ଚାଲିବନି : ପ୍ରଧାନମନ୍ତ୍ରୀ

**ପାଟନା/ପୂର୍ଣ୍ଣିଆ, ୧୫।୯ (ମହାଭାରତି):** ବିହାରର ଏକ ଦିନିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୂର୍ଣ୍ଣିଆ ବିମାନବନ୍ଦରର ଉଦଘାଟନ କରିଥିଲେ ଏବଂ ରାଜ୍ୟକୁ ୪୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପ ଉପହାର ଦେଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଗୋଟିଏ ପଟେ ଜାତୀୟ ଗଣତାନ୍ତ୍ରିକ ମେଂଟ (ଏନଡିଏ) ସରକାରଙ୍କ ସଫଳତା ତାଲିକାଭୁକ୍ତ କରିଥିଲେ, ଅନ୍ୟପଟେ ସେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଏବଂ କଂଗ୍ରେସକୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୂର୍ଣ୍ଣିଆର ଶୀଶାବାରୀ ଗ୍ରାଉଣ୍ଡରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଥିଲେ ଯେ ଦେଶରେ ଯିଏ ଅନୁପ୍ରବେଶକାରୀ, ତାଙ୍କୁ ବାହାରକୁ ଯିବାକୁ ପଡିବ। ଅନୁପ୍ରବେଶକୁ ରୋକିବା ହେଉଛି ଜାତୀୟ ଗଣତାନ୍ତ୍ରିକ ମେଂଟ (ଏନଡିଏ)ର ଦୃଢ଼ ଦାୟିତ୍ୱ। ଯେଉଁମାନେ ଏହି ଲୋକମାନଙ୍କୁ ବଂଚାଇବାକୁ ଚେଷ୍ଟା କରୁଛନ୍ତି, ମୁଁ ସେମାନଙ୍କୁ କହୁଛି ଯେ ଭାରତରେ ଭାରତୀୟ ଆଇନ ପ୍ରଚଳନ କରିବ, ଅନୁପ୍ରବେଶକାରୀଙ୍କ ସ୍ୱେଚ୍ଛାଚାରିତା ନୁହେଁ।

ବିହାରରେ ସ୍ୱତନ୍ତ୍ର ଭୋଟର ସଂଶୋଧନ ଏବଂ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ଏବଂ ରାଷ୍ଟ୍ରୀୟ ଜନତା ଦଳ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଛନ୍ତି। ବିରୋଧୀ ଭୋଟ ବ୍ୟାଙ୍କ ପାଇଁ ଏହା କରୁଛନ୍ତି, କିନ୍ତୁ ଡବଲ ଇଞ୍ଜିନ୍ ସରକାର ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ କାମ କରିବ।



ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ବିହାରକୁ ଶୋଷଣ କରିଛନ୍ତି। ଏହି ଲୋକମାନେ ବିହାରକୁ ଘୃଣା କରନ୍ତି। କଂଗ୍ରେସ-ରାଜଦ ବିହାରକୁ ବଦନାମ କରିବାକୁ ନିଷ୍ପତି ନେଇଛନ୍ତି। ଏପରି ମାନସିକତା ଥିବା ଲୋକମାନେ କେବେ ବିହାରର ଭଲ କରିପାରିବେ ନାହିଁ। ଯେଉଁମାନେ ନିଜର ତହବିଲ ପୂରଣ କରନ୍ତି ସେମାନେ ଗରିବଙ୍କ ଘର କାହିଁକି ପୂରଣ କରିବେ। ପୂର୍ବରୁ, କଂଗ୍ରେସ ସରକାରରେ ସରକାରୀ ଯୋଜନାରେ ଘୋଟାଲା କରାଯାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ପୂର୍ବ ସରକାରଗୁଡ଼ିକ ମଧ୍ୟ ମଖାନା ଏବଂ ମଖାନା ଚାଷୀମାନଙ୍କୁ ଅବହେଳା କରିଥିଲେ। ଯେଉଁମାନେ ଆଜି ଏଠାରେ ବୁଲୁଛନ୍ତି, ସେମାନେ ମୋ ଆସିବା ପୂର୍ବରୁ ମଖାନାର ନାମ ମଧ୍ୟ ଶୁଣି ନ ଥାନ୍ତେ। ସେ କହିଛନ୍ତି ଯେ ପୂର୍ଣ୍ଣିଆର ଲୋକମାନଙ୍କୁ କଂଗ୍ରେସର କୁଶାସନର କ୍ଷତି ସହିବାକୁ ପଡିଥିଲା, କିନ୍ତୁ ଏବେ ପରିସ୍ଥିତି ବଦଳିଯାଉଛି। ପ୍ରତ୍ୟେକ ଗରିବଙ୍କୁ ସ୍ଥାୟୀ ଘର ନ ମିଳିବା ପର୍ଯ୍ୟନ୍ତ ମୁଁ ଚୁପ୍ ବସିବି ନାହିଁ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ଦଳ ବିହାରକୁ ବିଡ଼ି ସହିତ ତୁଳନା କରୁଛି। ଏହି ଲୋକମାନେ ବିହାରର ପ୍ରଗତି ଦେଖିପାରୁନାହାଁନ୍ତି। ଆରଜେଡିର ଶାସନ ସମୟରେ ହତ୍ୟା, ବଳାତ୍କାର ଭଳି ଘଟଣା ସାଧାରଣ ଥିଲା। ବର୍ତ୍ତମାନ ଏନଡିଏ ସରକାରରେ ମହିଳାମାନେ ଜୀବିକା ଦିଦି ଏବଂ ଡ୍ରୋନ୍ ଦିଦି ହେଉଛନ୍ତି। ଆରଜେଡି-କଂଗ୍ରେସ ପାଇଁ ନିଜ ପରିବାର ବିଷୟରେ ଚିନ୍ତା କରିବା ସବୁଠାରୁ ବଡ଼ କାମ, କିନ୍ତୁ ମୋଦିଙ୍କ ପାଇଁ ଜନତା ତାଙ୍କ ପରିବାର। ସେଥିପାଇଁ ମୁଁ କହୁଛି... ସବକା ସାଥ, ସବକା ବିକାଶ। ଦେଶର ବିକାଶ ପାଇଁ ବିହାରର ବିକାଶ ଆବଶ୍ୟକ। ବିହାରର ବିକାଶ ପାଇଁ ସୀମାଂଚଳର ବିକାଶ ଆବଶ୍ୟକ।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋଇଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



**ଖବର**

## ଖୁବ୍ ଶୀଘ୍ର ଆସିବାକୁ ଯାଉଛି ଫିଲ୍ମ 'ମସ୍ତି ୪'




'ମସ୍ତି ୪' ଫିଲ୍ମ ସିନେମାହଲରେ ରିଲିଜ ହେବାକୁ ଯାଉଛି । ପୂର୍ବରୁ ଏହାର ୩ଟି ପାର୍ଟ ବେଶ୍ ଲୋକପ୍ରିୟତା ହାସଲ କରିଛି । ବର୍ତ୍ତମାନ ପାର୍ଟ ୪କୁ ନେଇ ଦର୍ଶକ ଉତ୍ସାହିତ ଅଛନ୍ତି । ଏହାରି ମଧ୍ୟରେ ଗୋଟିଏ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଯେଉଁଥିରେ ଏବେ ରିତେଶ ଦେଶମୁଖ, ବିବେକ ଓବେରା ଏବଂ ଆଫତାବ ଶିବଦାସାନୀ ଧମାଲ୍ କରିବାକୁ ଯାଉଛନ୍ତି । ଯାହାକୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଏହା ବ୍ୟତୀତ ଅନ୍ୟ ବଡ଼ ଷ୍ଟାରମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ଏହା ସହିତ ଫିଲ୍ମ ରିଲିଜ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି । 'ମସ୍ତି ୪'ରେ ଅରଶଦ ୱାରସି , ଜେନେଲିଆ ଡିସୁଜା, ନର୍ଗିସ୍ ଫାଖ୍ରୀ, ତୁଷାର କପୁର, ଶାଦ ରନ୍ଧାୱା, ଏଲନାଜ୍ ନୋରୋଜି ଏବଂ ରୁହି ସିଂହ ଅଭିନୟ କରିଛନ୍ତି । ଏମାନଙ୍କ ସମେତ ବର୍ତ୍ତମାନ ଅରଶଦ ୱାରସି, ନର୍ଗିସ୍ ଫାଖ୍ରୀ ଏବଂ ତୁଷାର କପୁର ଏହି ଫିଲ୍ମରେ ଏଣ୍ଟ୍ରି କରିଛନ୍ତି । ଫିଲ୍ମଟି ୪୦ ଦିନ ମଧ୍ୟରେ ୟୁକେରେ ସୁଟିଂ ହୋଇଥିଲା ଏବଂ ଏବେ ପୋଷ୍ଟ-ପ୍ରଡକ୍ସନ୍ କାମ ଚାଲିଛି ।

'ମସ୍ତି ୪'କୁ ୨୧ ନଭେମ୍ବରରେ ରିଲିଜ ହେବାର ପ୍ଲାନ୍ କରାଯାଇଛି । ଯାହାର ଟିଜର ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମଟି ଏକ୍ସଟ୍ରା-ମେରିଟଲ ଆଫେୟାର୍ସ ଉପରେ ଆଧାରିତ । ଏଥର ଇନ୍ଦ୍ର କୁମାର ଫିଲ୍ମଟିର ନିର୍ଦ୍ଦେଶନା ଦେଉ ନାହାଁନ୍ତି । ମିଲାପ ଜାଭେରୀ ଏହି ଦାୟିତ୍ୱ ନେଇଛନ୍ତି । ଗ୍ରାଣ୍ଡ ମସ୍ତି, ଗ୍ରେଟ୍ ମସ୍ତି ପରେ ମସ୍ତି ଫିଲ୍ମର ପାର୍ଟ ୪ ଦେଖିବାକୁ ଦର୍ଶକ ଅପେକ୍ଷା କରି ରହିଛନ୍ତି।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଲୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି ? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି ! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।



ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର ! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।

## ଧନ ଓ ସୌଭାଗ୍ୟର ଦେବୀ

ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖୁଛେ।



ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ କେଉଁଠି ବାନ୍ଧିନଥିଲେ ।

ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ବିକାଶକୁ ଦ୍ରୁତ ଗତି ଦେବ ଏକ ରାଷ୍ଟ୍ର, ଏକ ନିର୍ବାଚନ



**ଭୁବନେଶ୍ୱର,୧୪।୯ (ମହାଭାରତ):** ବିଶ୍ୱର ସର୍ବବୃହତ ଗଣତନ୍ତ୍ର ହେଉଛି ଭାରତ। ମାତ୍ର ଏଠାରେ ନିରନ୍ତର ଚାଲୁଥିବା ନିର୍ବାଚନ ପ୍ରକ୍ରିୟା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନର କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଏବଂ ସମୃଦ୍ଧିକୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ସହାୟତା କରିବ। ଏହି ମଡେଲ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ଢାଂଚାରେ ଉନ୍ନତି ଆଣିବ। ଏହାଦ୍ୱାରା ଶକ୍ତିଶାଳୀ, ସ୍ଥିର ଏବଂ ସମୃଦ୍ଧ ଭାରତ ସୃଷ୍ଟି ହୋଇପାରିବ। ଭାରତକୁ ଏକ ବ୍ୟବସ୍ଥିତ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଏହା ପ୍ରମୁଖ ଭୂମିକା ନେବ ବୋଲି ସୋଆ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଏକ ରାଷ୍ଟ୍ର ଏକ ନିର୍ବାଚନ ଆଲୋଚନାଚକ୍ରରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି।

ଶ୍ରୀ ବଂଶଲ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦,୦୦୦ କୋଟି ଟଙ୍କା ଥିଲା। ୨୦୨୪ ଲୋକସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଂଚିଛି। ଏହି ହିସାବରେ ଗୋଟିଏ ଭୋଟର ହାରାହାରି ମୂଲ୍ୟ ପ୍ରାୟ ୧୪୦୦ ଟଙ୍କା। ୨୦୨୪ ଲୋକସଭା ନିର୍ବାଚନକୁ ଭାରତର ନିର୍ବାଚନ ଇତିହାସର ସବୁଠାରୁ ବ୍ୟୟବହୁଳ ନିର୍ବାଚନ ବୋଲି ବିବେଚନା କରାଯାଇପାରେ। ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି। ବାରମ୍ବାର ନିର୍ବାଚନ ଯୋଗୁଁ କର୍ମଚାରୀମାନଙ୍କର ଶକ୍ତି ଏବଂ ସମୟ ନିର୍ବାଚନରେ ଖର୍ଚ୍ଚ ହୁଏ। କେବଳ ସେତିକି ନୁହେଁ ନିରନ୍ତର ନିର୍ବାଚନ ପ୍ରକ୍ରିୟାରେ ଆଦର୍ଶ ଆଚରଣ ବିଧି ବାରମ୍ବାର ଲାଗୁ ହେବା ଦ୍ୱାରା ନୀତି ନିର୍ଦ୍ଧାରଣରେ ବାଧା ସୃଷ୍ଟି ହୋଇଥାଏ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଭାବିତ ହୋଇଥାଏ। ଏକ ରାଷ୍ଟ୍ର ଏକ ନିର୍ବାଚନ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ସହ ଅପ୍ରତ୍ୟାଶିତ ପ୍ରଚାର ଖର୍ଚ୍ଚ ହ୍ରାସ କରିବ। ଏକ ରାଷ୍ଟ୍ର, ଏକ ନିର୍ବାଚନରୁ ହେଉଥିବା ସଂଚୟ ଦେଶର ଜିଡିପିର ୧.୫% ସହିତ ସମାନ। ଏହାଦ୍ୱାରା ଭାରତର ଅର୍ଥନୀତି ଓ ପ୍ରଶାସନିକ ବ୍ୟବସ୍ଥା ସୁଦୃଢ଼ ହେବା ସହ ସାରା ବିଶ୍ୱରେ ଦେଶର ଗଣତାନ୍ତ୍ରିକ ଭାବମୂର୍ତ୍ତି ସୁଦୃଢ଼ ହୋଇପାରିବ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଏକକାଳୀନ ନିର୍ବାଚନ କରିବା ଦ୍ୱାରାବିପୁଳ ଖର୍ଚ୍ଚ ହ୍ରାସ ହେବ। ବଳକା ରାଶିକୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି ଏବଂ ଅନ୍ୟାନ୍ୟ ବିକାଶମୂଳକ ଯୋଜନା ପାଇଁ ବ୍ୟବହାର କରାଯାଇପାରିବ। ପ୍ରଶାସନର ଦକ୍ଷତା ବୃଦ୍ଧି ପାଇବ ଏବଂ ସୁରକ୍ଷା ବାହିନୀ ଉପରେ ଚାପ ହ୍ରାସ ପାଇବ। ଏହାଦ୍ୱାରା ସାମୂହିକ ବିକାଶ ପାଇଁ ମଧ୍ୟ ଯଥେଷ୍ଟ ସମୟ ମିଳିବ। ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଯୋଗଦେଇ କହିଛନ୍ତି ଯେ, ଏକକାଳୀନ ନିର୍ବାଚନ ଦ୍ୱାରା, ପ୍ରଶାସନ ନିଜର ମୂଳ କର୍ତବ୍ୟ ଉପରେ ଧ୍ୟାନ ଦେଇପାରିବ। ଏହାଦ୍ୱାରା ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

# ଯୁବବର୍ଗ ନୀତିବାନ, ଦାୟିତ୍ୱବାନ ହୁଅନ୍ତୁ



**ଭୁବନେଶ୍ୱର,୧୪।୯ (ମହାଭାରତ):** ଭାରତର ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଯୁବ ଯୁବବର୍ଗ ନୀତିବାନ, ଦାୟିତ୍ୱବାନ ଏବଂ ବିଶ୍ୱସ୍ତରୀୟ ସକ୍ଷମ ନାଗରିକ ହେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ଓ ଚଳିତ ସେପ୍ଟେମ୍ବର ୧୩ ତାରିଖ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାରର ୩୫ତମ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି ଓ ଏହି ସମାରୋହରେ ଗ୍ରାଜୁଏଟିଂ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଉଦବୋଧନ ଦେଇ ୨୦୪୭ ମସିହା ସୁଦ୍ଧା ଭାରତକୁ ଆଗେଇ ନେବା ସହ ବିକଶିତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଯୁବବର୍ଗ ମଶାଲ ବାହକ ହେବାକୁ ଆହ୍ୱାନ ଜଣାଇଥିଲେ ଓ ରାଜ୍ୟପାଳ କହିଥିଲେ ଯେ ଛାତ୍ରଛାତ୍ରୀଙ୍କର ଆଜିର ସଫଳତା ବର୍ଷ ବର୍ଷର କଠିନ ପରିଶ୍ରମ, ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ପରିବାରର ଅଟଳ ସମର୍ଥନ ଉପରେ ନିର୍ମିତ ଓ ସମାବର୍ତ୍ତନ ଦିବସ କେବଳ ଏକ ଉତ୍ସବ ନୁହେଁ ବରଂ ଦାୟିତ୍ୱ ଓ ସେବାର ଏକ ନୂତନ ଯାତ୍ରା ଆରମ୍ଭ କରିବାର ଏକ ମାଇଲଖୁଂଟ ଓ ୧୯୬୭ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ବିଶ୍ୱବିଦ୍ୟାଳୟର ଅବଦାନ ସମ୍ପର୍କରେ ଅବତାରଣା କରି ପଶ୍ଚିମ ଓଡିଶା ଏବଂ ପଶ୍ଚିମ ଓଡିଶା ବାହାରେ ଯୁବ ପିଢିଙ୍କୁ ପୋଷଣ କରିବା ଏବଂ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନରେ ବିଶ୍ୱବିଦ୍ୟାଳୟର ଯୋଗଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ଜ୍ୟୋତି ବିହାରର ଶାନ୍ତିକାନ୍ତ କ୍ୟାମ୍ପସରୁ ବିଶ୍ୱବିଦ୍ୟାଳୟ ନିରନ୍ତର ଭାବରେ ଶିକ୍ଷାଗତ ଉତ୍କର୍ଷତାକୁ ଚରିତ୍ର ଗଠନ ଏବଂ ସେବା ମନୋଭାବ ସହ ଜଡିତ କରିଛି ଓ ସାଂପ୍ରତିକ ବର୍ଷ ମାନଙ୍କରେ ଏହା ଶିକ୍ଷାଦାନ ଓ ଗବେଷଣାକୁ ମଜବୁତ କରିଛି ନବ ସୃଜନକୁ ଗ୍ରହଣ କରିଛି ଏବଂ ଉତ୍କର୍ଷତା ଏବଂ ସାମାଜିକ ଦାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ବଜାୟ ରଖିଛି ବୋଲି ରାଜ୍ୟପାଳ କହିଛନ୍ତି ଓ ପୁଣି ରାଜ୍ୟପାଳ କହିଥିଲେ ଯେ ଶିକ୍ଷାଗତ ସଫଳତା ଠାରୁ ଆହୁରି ମଧ୍ୟ ଆଗକୁ ବଢିବା ଉଚିତ ଓ ଚରିତ୍ର ବିନା ଜ୍ଞାନ ଏବଂ ସମୃଦ୍ଧ ରାଷ୍ଟ୍ର ଗଠନ ହୋଇ ପାରିବ ନାହିଁ ଓ ଉଚ୍ଚ ଶିକ୍ଷାର ସଂସ୍କାର ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ୨୦୨୦ ହେଉଛି ଏକ ପ୍ରକୃତ ପରିବର୍ତ୍ତନକାରୀ ଢାଂଚା ଯାହା ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱ ମାନଦଣ୍ଡ ସହିତ ସମନ୍ୱିତ କରିଥାଏ ଏବଂ ଏଥିରେ ଆମର ସାଂସ୍କୃତିକ ନୈତିକତା ଦୃଢ଼ ଭାବରେ ମୂଳ ହୋଇ ରହିଛି ଓ ଆନ୍ତଃବିଭାଗୀୟ କାର୍ଯ୍ୟକ୍ରମ, ବାଧ୍ୟତାମୂଳକ ଇଂଟର୍ନସିପ, ଉଦ୍ୟମିତା, ପରିବେଶଗତ ଅଧ୍ୟୟନ ଏବଂ ବିପର୍ଯ୍ୟୟ ପରିଚାଳନା ଉପରେ ପାଠ୍ୟକ୍ରମ ପ୍ରଚଳନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ଶିକ୍ଷା ନୀତି ୨୦୨୦ କୁ ରୂପାୟନ କରିଛି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୯ (ମହାଭାରତ):** ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା। ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରବିବାର ସମ୍ବଲପୁର କ୍ଷେତରାଜପୁରରେ 'ସମ୍ବଲପୁର ମହାନଗର ନିଗମ' ପକ୍ଷରୁ ଆୟୋଜିତ "ସ୍ୱଚ୍ଛତା ହିଁ ସେବା-୨୦୨୫" କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ। ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ସେବା ପକ୍ଷ' ପାଳନର ପ୍ରସ୍ତୁତି ପୂର୍ବରୁ ଆଜି ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ସମ୍ବଲପୁର ପୂର୍ବବର୍ଷ ଅପେକ୍ଷା ଅପେକ୍ଷା କୃତ ଭଲ ପ୍ରଦର୍ଶନ କରିଛି। କେବଳ ଦାୟିତ୍ୱରେ ଥିବା ଲୋକମାନେ ସ୍ୱଚ୍ଛତା ରଖିଲେ ହେବ ନାହିଁ ବରଂ ସମ୍ବଲପୁର ଲୋକଙ୍କୁ ସ୍ୱଚ୍ଛତାରେ ସଂସ୍କାର ଆଣିବାକୁ ପଡ଼ିବ। ସବୁ ପର୍ବପର୍ବଣୀକୁ ଯେପରି ଭାବରେ ଆମେ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି ସେଇ ଭଳି ଭାବେ ଆମକୁ ସହରକୁ ସ୍ୱଚ୍ଛ କରିବାକୁ ପଡ଼ିବ। ସମାଜକୁ ସ୍ୱଚ୍ଛ ଓ ସୁନ୍ଦର




ରଖିଲେ ହିଁ ସମାଜ ସୁସ୍ଥ ହେବ।

ସମ୍ବଲପୁରରେ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀ ଭାଇ ଭଉଣୀମାନେ, ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟିକ ସଂଗଠନକୁ ସାଧୁବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ସହ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ। ସ୍ୱଚ୍ଛ ସମ୍ବଲପୁର ପାଇଁ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


# କୋକ୍ ଷ୍ଟୁଡ଼ିଓ ଭାରତକୁ ମିଠା ଖାରା ଆଣିଛନ୍ତି

**ଭୁବନେଶ୍ୱର,୧୪।୯ (ମହାଭାରତ):** କୋକ୍ ଷ୍ଟୁଡ଼ିଓ ଭାରତ, ଏକ ମଂଚ୍ ଯାହା ଭାରତର ବିବିଧ ସଙ୍ଗୀତର ପାରମ୍ପରିକତାକୁ ପାଳନ କରିବା ସହିତ ଏହାର ଅଧୁନତମ ସିଜିନ ୩ ଟ୍ରାକ୍ ମିଠା ଖାରାର ଶୁଭାରମ୍ଭ କରିଛି। ନବରାତ୍ରୀ ଉତ୍ସବର ଆବେଗତାକୁ ଉପସ୍ଥାପନ କରିବା ସହିତ ଏହି ଗୀତକୁ ସଜା ଯାଇଛି ଏହାର ପ୍ରାସଙ୍ଗୀକତାକୁ ନେଇ ଯାହା ସିଦ୍ଧାର୍ଥ ଅମିତ ଭାବସାରଙ୍କ ସଙ୍ଗୀତ ପରିଚାଳନାରେ ଆସିଛି ଯେଉଁ ଲୋକ କଳାରେ ନିଜର ଦକ୍ଷତାକୁ ପ୍ରତିପାଦନ କରିଛନ୍ତି ଆଦିତ୍ୟ ଗଡ଼ଭି ତଥା ମଧୁବନ୍ତୀ ବାଗଚ୍ଚିଙ୍କ ଆବେଗପୂର୍ଣ୍ଣ ସଙ୍ଗୀତ କଳାକୁ ନେଇ ଏହା ଥାନୁଖାନଙ୍କ ସତେଜଭରା ପ୍ରତିଜ୍ଞାବଦ୍ଧତାକୁ ଉପସ୍ଥାପନ କରିଛି। କୋକ୍ ଷ୍ଟୁଡ଼ିଓ ଭାରତ ପାଇଁ ବିଶେଷ ଭାବରେ ପ୍ରସ୍ତୁତ ହୋଇଥିବା, ମିଠା ଖାରାର ମାଧୁର୍ଯ୍ୟତା ଏହାର ଲୋକତାଳର ବିଶେଷତ୍ୱ ସହିତ ପାରମ୍ପରିକ ସ୍ୱର, ଆଇକନିକ୍ ଖଲାସିର ବଂଶାନୁକ୍ରମିକତାକୁ ନେଇ ପୁନର୍ବାର ଗୁଜୁରାଟର ସାଂସ୍କୃତିକ ମୌଳିକତାକୁ ଏହା ଆଲୋକପାତ କରିଛି।

ଦୀର୍ଘ ୬୦୦ ବର୍ଷ ପୁରୁଣା ଆଗାଦିଆ ସମ୍ପ୍ରଦାୟର ବଂଶାନୁକ୍ରମିକତାର ସ୍ୱରକୁ ଉପସ୍ଥାପିତ କରି ମିଠା ଖାରା ସେହି ଉଦ୍ଦିଷ୍ଟକାରୀ ଦୃଢ଼ ସାମାଜିକ ପରମ୍ପରାକୁ ଉଜ୍ଜିବିତ ତଥା ପ୍ରତିଫଳିତ କରିଛି। ଗୁଜୁରାଟରେ ମିଠୁର ଅର୍ଥ ଲୁଣ, ଯାହାକି ଅତ୍ୟନ୍ତ ଜରୁରୀ କିନ୍ତୁ ଏହା କଠିନତାରେ ଭରି ରହିଥାଏ। ଅଗରିଆଙ୍କ ପାଇଁ ଏହି ଲୁଣ ସେମାନଙ୍କର ଜୀବନ ଧାରା ଠାରୁ ଆହୁରି ଅଧିକ ଅଟେ ଯାହାକି ଏକ ଐତିହ୍ୟ ପରମ୍ପରାକୁ ଧିରସ୍ଥିର ଭାବରେ ବହନ କରି ଏକ ବଂଶାନୁକ୍ରମିକତାକୁ ଅତି ଗର୍ବର ସହିତ ଆଣିପାରିଛି। ଚ୍ରରିତ୍ର ମାନଙ୍କର ଅତ୍ୟନ୍ତ ଗଭୀର ଭାବଧାରାର ଦର୍ପଣ ଜରିଆରେ ଏହା ସେହି କାହାଣୀକୁ ବଖାଣିଛି, ଯାହାକି କିପରି ପ୍ରତ୍ୟେକ ପୀଢ଼ି ଏଭଳି ଏକ କାହାଣୀ ସହିତ ନିଜକୁ ସାମିଲ କରି ସେମାନଙ୍କର ଭାବାବେଗକୁ ଏଭଳି ଦୁଇଟି ଅର୍ଥରେ ନେଇଛନ୍ତି ଯେଉଁଠାରେ ଏହା ହାର୍ସ (ଖାରା) ଭାବରେ ଦେଖାଦେଇଛି ବାସ୍ତବ କ୍ଷେତ୍ରରେ ସେମାନଙ୍କର ମଧୁରତା (ମିଠା) ଏଠାରେ ଉତରାଧିକାରୀ ଅଟେ। ତେଣୁ ସେଥିପାଇଁ ମିଠା ଖାର ଏଠାରେ ଜୀବନ ପ୍ରଦାନ କରିଛି ଏକ ସଙ୍ଗୀତ ଭାବରେ ଯାହାକି ସେମାନଙ୍କର ପରିଚ୍ଚୟକୁ ଏଠାରେ ସ୍ଥିର କରିପାରିଛି ଏବଂ ଏକ ସମ୍ପ୍ରଦାୟର ଲୁଣ ଭଳି ରହିଥିବା ଆତ୍ମୀୟତାକୁ ସବୁ ସମୟରେ ପ୍ରତିଧ୍ୱନିତ କରିପାରିଛି। ଶାନ୍ତନୁ ଗାଙ୍ଗାନେ, ଆଇଏମଏକ୍ସ (ଇଂଟିଗ୍ରେଟେଡ୍ ମାର୍କେଟିଙ୍ଗ ଏକ୍ସପେରିନସ୍) ଲିଡ଼, କୋକା-କୋଲା ଆଇଏନଏସଡ଼ବ୍ଲୁଏ ନିଜର ମତବ୍ୟକ୍ତ କରି କହିଛନ୍ତି, "ପର୍ବାଣୀ ଏଭଳି ଏକ ଘଟଣା ଅଟେ ଯେଉଁଠାରେ ସଙ୍ଗୀତ ଏହାର ସାଂସ୍କୃତିକ ସହିତ ସଂଯୋଗ ହୋଇ ରହିଥାଏ।

# ରୋଟାରୀ କ୍ଲବ୍ ପକ୍ଷରୁ ପୋଷ୍ୟ ସ୍କୁଲ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪।୯ (ମହାଭାରତ):** ରୋଟାରୀ କ୍ଲବ ଖାରାବେଳ- କଳିଙ୍ଗ ନଗର ପକ୍ଷରୁ ସ୍ଥାନୀୟ ଭୋଲା ଗାଁ ଠାରେ ଅବସ୍ଥିତ ଆବାସିକ ଶିଶୁ ବିଦ୍ୟାମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ କ୍ଲବର ସଭାପତି ଆଡଭୋକେଟ୍ ରୋଟାରିଆନ ଦିଲ୍ଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପୂର୍ବତନ ପ୍ରାନ୍ତପାଳ ଶିବବ୍ରତ ଦାଶ, ଉପ-ପ୍ରାନ୍ତପାଳ ଡକ୍ଟର ଶିଶିର କାନ୍ତ ଷଡ଼ଙ୍ଗୀ ଯୋଗଦେଇ ବୃକ୍ଷ ରୋପଣ, ପୋଷ୍ୟ ସ୍କୁଲ, ପାଠାଗାର ଏବଂ ଜଳ ବିଶୁଦ୍ଧ କରଣ ଉପକରଣକୁ ଉଦଘାଟନ କରିଥିଲେ। ସେଠାରେ ବାସ କରୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତର ୧୪୦ ଜଣ ଗରିବ ପିଲାମାନଙ୍କୁ ଏକ ଉତ୍ତମ ଶିକ୍ଷା ଦେଉଥିବା ସ୍କୁଲର ଉପଦେଷ୍ଟା ଗୌରହରି ପାତ୍ର ତଥା ଅଧକ୍ଷା ଶ୍ରୀମତୀ ସୁମିତ୍ରା ମିଶ୍ରଙ୍କୁ ଅତିଥି ମାନେ ଭୂୟସୀ ପ୍ରଶଂସା କରି ଆଗକୁ ରୋଟରୀ କ୍ଲବ୍ ପିଲାମାନଙ୍କ ଅତ୍ୟାବଶ୍ୟକ ଦାୟିତ୍ୱ ନେବାକୁ ପ୍ରତିଶୃତି ଦେଇଥିଲେ। ପିଲାମାନଙ୍କ ଦ୍ୱାରା



ଗଛଟିଏ ମୁଁ ଗଛଟିଏ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। କ୍ଲବର ସଭ୍ୟ ଡଃ କିଶୋର ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, କର୍ଣ୍ଣେଲ ଏସ୍‌ଜେ ରାଓ, ସୁରେନ୍ଦ୍ର ନାଥ ତ୍ରିପାଠୀ, ପିଏସ୍‌ଏନ୍ ପାତ୍ର, ରଞ୍ଜନ କୁମାର ପାତ୍ର ଏହିସବୁ କାର୍ଯ୍ୟକୁ ପରିଚ୍ଛଳନା କରିଥିଲେ। ସ୍କୁଲର ଅଧକ୍ଷା ସ୍କୁଲର ବିବରଣୀ ପାଠ କରିଥିଲେ ଏବଂ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ୟା ସନ୍ତାନ ସୁରକ୍ଷା କର୍ମଶାଳା

**ଭୁବନେଶ୍ୱର,୧୪।୯ (ମହାଭାରତ):** ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ 'କନ୍ୟା ଶିଶୁ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଜୁଭେନାଇଲ୍ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। କଟକର ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ଆୟୋଜିତ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ୍ ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଏବଂ ଗୋଷ୍ଠୀ-ଆଧାରିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ତାଙ୍କର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ହାଇକୋର୍ଟର କିଶୋର ନ୍ୟାୟ କମିଟିର ବିଚାରପତି ଏବଂ ଅଧକ୍ଷା ମିସ୍ ଜଷ୍ଟିସ୍ ସାବିତ୍ରୀ ରାଠୋ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅତୀତରେ ମହିଳା ସଶକ୍ତିକରଣ ଶ୍ରଦ୍ଧା ଏବଂ ପ୍ରତିରୋଧର ବିଷୟ ଥିଲା ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବା ଆମର ଦାୟିତ୍ୱ ଏବଂ ଭବିଷ୍ୟତ ପାଇଁ ପ୍ରତିଶ୍ରୁତି ଓ କର୍ତ୍ତବ୍ୟ। ଏହି ଅବସରରେ ବିଚାରପତି ତଥା ନ୍ୟୁଜଲେଟରର ମୁଖ୍ୟ ସମ୍ପାଦକ ଏବଂ ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟିର ସଦସ୍ୟ ଜଷ୍ଟିସ୍ ଏ. କେ. ମହାପାତ୍ର ୨୦୧୭ ମସିହାରେ ଆରମ୍ଭ ହୋଇଥିବା ନ୍ୟୁଜଲେଟର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

# ୩୦ ସୁଦ୍ଧା କଂଗ୍ରେସର ନୂଆ ଜିଲ୍ଲା ସଭାପତି

**ଭୁବନେଶ୍ୱର,୧୪।୯ (ମହାଭାରତ):** କେହି ବଡ ନେତା, କେହି ଛୋଟ ନେତା ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ୨୦୨୯ ଆମର। ଓଡିଶାରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲିଛି। ଯଦି ରାହୁଲ ଗାନ୍ଧୀ ପଦଯାତ୍ରାରେ ସହସ୍ରାଧିକ ମାଇଲ ଚାଲୁଛନ୍ତି, ଆମେ କାହିଁକି ଚାଲି ନ ପାରିବା? ରବିବାର ସନ୍ଧ୍ୟାରେ କଂଗ୍ରେସ ଭବନରେ ଆୟୋଜିତ ଏକ ସଭାରେ ଦଳର ନେତା ଓ କର୍ମୀଙ୍କ ଭିତରେ ଏହି ମର୍ମରେ ଉତ୍ସାହ ଭରିଛନ୍ତି ଏଆଇସିସି ସାଧାରଣ ସଂପାଦକ (ସଂଗଠନ) କେସି ବେଣୁଗୋପାଳ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପୌରୋହିତ୍ୟରେ ପିସିସି କାର୍ଯ୍ୟକର୍ତା, ସମସ୍ତ ବିଭାଗ, ଛାମୁଆ ସଂଗଠନ ଓ ସେଲର ମୁଖ୍ୟ ତଥା ସଂଗଠନ ସୃଜନ ଅଭିଯାନରେ ଦାୟିତ୍ୱ ନିଭାଇଥିବା ପିସିସି ପର୍ଯ୍ୟବେକ୍ଷକଙ୍କୁ ସମ୍ବୋଧନ କରି ସେ ଆହୁରି କହିଛନ୍ତି, କିଛି ଦିନରେ ସୃଜନ ପ୍ରକ୍ରିୟାରେ ଦେଶର ସମସ୍ତ ଜିଲ୍ଲାରେ ସଙ୍ଗଠନ ହୋଇଯାଇଥିବ। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡିଶାର ସମସ୍ତ ୩୫ ସାଂଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ ବୋଲି ସେ ସୂଚନା ଦେଇଥିଲେ। ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ସମସ୍ତ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ସେ ଆହୁରି କହିଥିଲେ ଦଳ ଏବେ ଜନସାଧାରଣଙ୍କ ଦୃଷ୍ଟିରେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ପାଉଛି। ଦଳର ନେତା ଓ କର୍ମୀମାନେ ପରିଶ୍ରମ କଲେ ଉଭୟ ବିଜେପି - ବିଜେଡିକୁ ହରାଇବା ସମ୍ଭବ। ପ୍ରତି ତିନିମାସରେ ଥରେ ନବନିଯୁକ୍ତ ଜିଲ୍ଲା ସଭାପତି ମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବ। ଅକ୍ଟୋବର ମାସରେ କଂଗ୍ରେସ ସମସ୍ତ ବ୍ଲକରେ ପହଞ୍ଚିବ। ନଭେମ୍ବର - ଡିସେମ୍ବରରେ ଭୋଟ ଚୋରି ପ୍ରସଙ୍ଗକୁ ତୃଣମୂଳ ସ୍ତର ଯାଏଁ ପହଞ୍ଚାଇବା ସହ ବୁଥ କମିଟି ଗଠନ କାର୍ଯ୍ୟ ସାରିବାକୁ ସେ ଆହ୍ୱାନ ଦେଇଥିଲେ। ପିସିସି ସଭାପତିଙ୍କ ଦ୍ୱାରା ପ୍ରସ୍ତାବିତ ଗାନ୍ଧୀ ଜୟନ୍ତୀ ଠାରୁ ହେବାକୁ ଥିବା ବର୍ଷବ୍ୟାପୀ ପଦଯାତ୍ରାକୁ ସେ ପ୍ରଶଂସା କରି ସେ କହିଲେ, ଏଥିରେ ଯେପରି ସମସ୍ତ ସକ୍ରିୟ ନେତା ଓ କର୍ମୀ ଭାଗ ନିଅନ୍ତି ତାହା ଦେଖିବାକୁ ହେବ।


ପି.ଏ.ସି ବୈଠକରେ ଅଧକ୍ଷତା କରି ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, କଂଗ୍ରେସ ଏବେ ରାଜ୍ୟରେ ଉଠୁଛି। ଓଡ଼ିଶାରେ ପିସିସି ଯେଉଁ ଗତିରେ କାମ କରୁଛି, ସେହି ଧାରା ଅବ୍ୟାହତ ରହିଲେ ୨୦୨୯ ରେ ଆମକୁ ରୋକିବା ଅସମ୍ଭବ ହେବ।

ପିସିସି ସଭାପତି ଶ୍ରୀ ଦାସ କହିଲେ, ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ବୃଥା ଯିବନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗ ନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ। ରାଜନୈତିକ ବ୍ୟାପାର କମିଟି ବୈଠକରେ ମହମ୍ମଦ ମୁକିମ୍, ନଗେନ୍ଦ୍ର ନାଥ ପ୍ରଧାନ, ସୁଶୀଳା ତିରିୟା, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂହ ସାଲୁଜା, ରମେଶ ଜେନା, ସୋଫିଆ ଫିର୍ଦୋଷ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ଓ ଡ ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇ ଅନେକ ପ୍ରସ୍ତାବ ରଖିଥିବା ବେଳେ ମିନାକ୍ଷୀ ବାହାନିପତି ଓ ରଞ୍ଜିତ ପାତ୍ର ଯଥାକ୍ରମେ ମହିଳା କଂଗେସ ଓ ଯୁବ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

# 'ନ୍ୟୁ ଏଜ୍ ଅର୍ଥନୀତି'ର ନେତୃତ୍ୱ ନେବ ଭିସୁଟ

**ଭୁବନେଶ୍ୱର,୧୪।୯ (ମହାଭାରତ):** ଦଶନ୍ଧି ଦଶନ୍ଧି ଧରି ଭିସୁଟ ରାଜ୍ୟ ତଥା ଦେଶରେ ବୈଷୟିକ ଶିକ୍ଷାର ପ୍ରସାର କରିଆସୁଛି। ଗରିବ ଓ ସାଧାରଣ ଘରୁ ଆସି ଭିସୁଟରେ ପଢୁଥିବା ପିଲାମାନେ ଆମ ଦେଶର ବୈଜ୍ଞାନିକ ଓ ଇଞ୍ଜିନିୟରିଂ ଶକ୍ତିର ପ୍ରତୀକ ହୋଇଛନ୍ତି ବୋଲି ଶନିବାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ), ବୁର୍ଲାର ୧୬ତମ ସମାବର୍ତ୍ତନ ସମାରୋହରେ ଓଡ଼ିଶା ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଡିଗ୍ରି, ଉପାଧି ଓ ପଦକ ଲାଭ କରିଥିବା ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି, ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ବିଶ୍ୱମାନର ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନ କରି ଭିସୁଟ ଆଗାମୀ ଦିନରେ ସାରା ଦୁନିଆରେ ଆହୁରି ସୁନାମ ଅର୍ଜନ କରିବାର ସାମର୍ଥ୍ୟ ବହନ କରୁଛି। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି। ଏହି ସମୟରେ ଆମର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାକିରି ଖୋଜିବା ନୁହେଁ ବରଂ ଚାକିରିଦାତା ହେବାର ଇଚ୍ଛାଶକ୍ତି




ବଢିବା ଦରକାର। ଦେଶ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଶାରେ ଯେତେବେଳେ ଜଳସେଚନ ଓ କୃଷି ବିକାଶର ନୂଆ ଧାରା ଆରମ୍ଭ ହୋଇଥିଲା, ସେତେବେଳେ ଏହି ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ମଙ୍ଗ ଧରିଥିଲା। ଆଜି ଯେତେବେଳେ ଓଡ଼ିଶାରେ ନ୍ୟୁ ଏଜ୍ ଅର୍ଥନୀତିର ଧାରା ଆରମ୍ଭ ହୋଇଛି, ଭିସୁଟ ତାହାର ନେତୃତ୍ୱ ନେବ। ଭିସୁଟକୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ସେ ଆହୁରି କହିଛନ୍ତି, ଜାତୀୟ ଶିକ୍ଷା ନୀତିରେ ଏକବିଂଶ ଶତାବ୍ଦୀର ଜ୍ଞାନ, ବିଶେଷ କରି ବୈଷୟିକ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ନୀତିରେ ଟେକ୍ନୋଲଜି ଏବଂ ଏଜୁକେସନର ସମନ୍ୱୟ ଉପରେ ଆମର ଫୋକସ ରହିଛି। ଏ ପରିପ୍ରେକ୍ଷୀରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, ରୋବୋଟିକ୍ସ, ବ୍ଲକ୍ ଚେନ୍, ଡାଟା ଆନାଲିଟିକ୍ସ, କ୍ୱାଂଟମ୍ କମ୍ପୁଟିଂ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବିକଶିତ ହେଉଥିବା ନୂତନ ଜ୍ଞାନକୌଶଳରେ ଛାତ୍ରସମାଜକୁ ପରିପକ୍ୱ କରିବାର ଦାୟିତ୍ୱ ଆମର ରହିଛି ଏବଂ ଏଥିପାଇଁ ଭିସୁଟ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଗୁଡ଼ିକର ସହଭାଗିତା ନିତାନ୍ତ ଜରୁରୀ। ଶିକ୍ଷାନୁଷ୍ଠାନ ପକ୍ଷରୁ ଓଡ଼ିଆ ସମେତ ସମ୍ବଲପୁରୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏମ.ଟେକର "ପ୍ରୟୋଗଶାଳା ନିର୍ଦ୍ଦେଶିକା" ପ୍ରଶଂସନୀୟ ପଦକ୍ଷେପ।

# ସମ୍ ପକ୍ଷରୁ ମେଡିକାଲ ରେକର୍ଡସ ଦିବସ

**ଭୁବନେଶ୍ୱର,୧୪।୯ (ମହାଭାରତ):** ପୂର୍ବ ଭାରତର ଅଗ୍ରଣୀ କ୍ୱାର୍ଟରନାରୀ କେୟାର ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ବୁଧବାର ନ୍ୟାସନାଲ୍ ମେଡିକାଲ୍ ରେକର୍ଡସ ଦିବସ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ସମ୍ମରେ କାର୍ଯ୍ୟରତ ଡାକ୍ତର, ନର୍ସ, ପାରାମେଡିକ୍ସ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେବା ସହ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମେଡିକାଲ୍ ରେକର୍ଡସର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲ୍ ରେକର୍ଡର କାର୍ଯ୍ୟଧାରାକୁ ଦୃଢ଼ୀଭୂତ କରିବା ସହ ଅତ୍ୟାଧୁନିକ ମାନର ରୋଗୀ ସେବା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମେଡିକାଲ୍ ରେକର୍ଡସ ବିଭାଗର ମୁଖ୍ୟ ଡାକ୍ତର ମାନସ ରଞ୍ଜନ ସେଠୀ ରୋଗୀ ସେବା କ୍ଷେତ୍ରରେ ମେଡିକାଲ୍ ରେକର୍ଡସ ମେରୁଦଣ୍ଡ ଭାବେ କାର୍ଯ୍ୟ କରେ ବୋଲି ଉଲ୍ଲେଖ କରିଥିଲେ। ସମ୍ ଅଲ୍ଟିମେଟ ମେଡିକେୟାରରେ ଉନ୍ନତମାନର ରୋଗୀ ସେବା ନିମନ୍ତେ ମେଡିକାଲ ରେକର୍ଡସର କାର୍ଯ୍ୟଧାରାକୁ ସୁଚାରୁରୂପେ ତୁଲାଇବା ବିଷୟରେ କର୍ତୃପକ୍ଷ ବଦ୍ଧପରିକର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମର ଚିଫ ଏଗ୍‌ଜିକ୍ୟୁଟିଭ୍ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଯୋଗ ଦେଇ ସୁରକ୍ଷିତ, ପାରଦର୍ଶିତାପୂର୍ଣ୍ଣ ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ନ୍ୟାସନାଲ୍ ମେଡିକାଲ୍ ରେକର୍ଡସ ଦିବସ ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏକ ବାର୍ତାରେ କହିଥିଲେ ଯେ ନିର୍ଭୁଲ ମେଡିକାଲ୍ ରେକର୍ଡସ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା, ଗବେଷଣା, ପ୍ରଶିକ୍ଷଣ ଏବଂ ଉତ୍କର୍ଷତାର ପ୍ରତୀକ ଅଟେ।

# ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରର ଏକ ବଡ଼ ସଫଳତା ହେଲା, ଦେଶରେ ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନ ବା ମାଓବାଦୀଙ୍କୁ ନିପାତ କରିବାରେ ସୁରକ୍ଷା ବାହିନୀ ସଫଳତା ହାସଲ କରିଛି। ମାଓବାଦୀମାନେ ଯେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଛନ୍ତି, ସେ କଥା ନୁହେଁ। ସେମାନେ ଏବେ ବି ଅନେକ ରାଜ୍ୟରେ ସକ୍ରିୟ ଅଛନ୍ତି ଏବଂ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। କିନ୍ତୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ମାଓବାଦୀମାନେ ଏବେ ଆତ୍ମରକ୍ଷା ଲାଗି ସଂଘର୍ଷ କରୁଛନ୍ତି। ନିଜର ସ୍ଥିତି ଜାହିର କରିବାକୁ ସେମାନେ ମଝିରେ ମଝିରେ ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ହତ୍ୟା କରୁଛନ୍ତି ଏବଂ ବିସ୍ଫୋରଣ କରୁଛନ୍ତି। କିନ୍ତୁ ସେମାନଙ୍କ ସଙ୍ଗଠନ ଦୁର୍ବଳ ହୋଇଛି, ସଶସ୍ତ୍ର ବାହିନୀର ଘନ ଘନ ଆକ୍ରମଣରେ ସେମାନେ ପଳାୟନପନ୍ଥୀ ବୋଲି କହିଲେ ଭୁଲ ହେବ ନାହିଁ। ମହାରାଷ୍ଟ୍ରର ଗଡ଼ ଚିରୋଲି ହେଉ ଅଥବା ଛତିଶଗଡ଼ର ବସ୍ତର ଉପତ୍ୟକା ସବୁଠି ମାଓବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ କରୁଛି। ମାଓବାଦୀ ସଙ୍ଗଠନ ପକ୍ଷରୁ ମଧ୍ୟ ଏହା ସ୍ୱୀକାର କରାଯାଇଛି। ନିର୍ବାଚନ ପୂର୍ବରୁ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି। ମାତ୍ର ୧୫ ଦିନରେ ୫୦ ମାଓବାଦୀ ନିହତ ହୋଇଥିବା ସଙ୍ଗଠନ ପକ୍ଷରୁ ସ୍ୱୀକାର କରାଯାଇଛି। ଅନେକ ସ୍ଥାନରୁ ସୁରକ୍ଷା ବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି। ଅନେକ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ବିସ୍ଫୋରକକୁ ଅଚଳ କରିଦିଆଯାଇଛି। ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗୋଡ଼ାଇଥିବା ବେଳେ ସେମାନେ ପଳାୟନ କରୁଛନ୍ତି। ଆଦିବାସୀ ମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାଁନ୍ତି। ସେମାନେ ସତ କ'ଣ ଜାଣି ସାରିଲେଣି। ସେଥିପାଇଁ ଅନେକ ମାଓ କ୍ୟାଡର ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅନେକ ମାଓ ସମର୍ଥକ ପୋଲିସକୁ ସହାୟତା ଲାଗି ସାହସର ସହିତ ଆଗେଇ ଆସିଛନ୍ତି। ଏବେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ମାଓବାଦୀମାନେ ଆଉ ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ, ସେମାନଙ୍କ ପଛରେ ସୁରକ୍ଷା କର୍ମୀ ଅଛନ୍ତି। ମାଓଦମନରେ ଏହି ସଫଳତାର ଶ୍ରେୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମିଳିବା ଉଚିତ। କିନ୍ତୁ ଏହାର ସର୍ବାଧିକ ଶ୍ରେୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମିଳିବା ଉଚିତ। ମାଓଦମନ ଲାଗି ସ୍ୱତନ୍ତ୍ର ରଣନୀତି, ଘନ ଘନ ବୈଠକ, ମାଓ ଉପଦ୍ରୁତ ଇଲାକାରେ ଅଧିକ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମୁତୟନ, ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଯନ୍ତ୍ରପାତି ଏବଂ ଯାନବାହନ ବ୍ୟବହାର ସହିତ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ଆଜି ଭାରତରେ ମାଓବାଦୀ ସଙ୍ଗଠନ ଗୁଡ଼ିକ ଏକପ୍ରକାର ବିଲୁପ୍ତ ହେବାକୁ ବସିଛି। ମାନବାଧିକାର ସଙ୍ଗଠନ ଗୁଡ଼ିକ କେନ୍ଦ୍ରର ମାଓଦମନ ଅଭିଯାନକୁ ବିରୋଧ କରୁଥିଲେ ମଧ୍ୟ ସାଧାରଣ ଲୋକ ଏହାକୁ ସମର୍ଥନ କରୁଛନ୍ତି। ଗତ ୧୦ ବର୍ଷ ଭିତରେ ତଥାକଥିତ ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ମାଓ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରତ୍ୟକ୍ଷ ଭାବେ ହିଂସାରେ ସମ୍ପୃକ୍ତ ନଥିଲେ ମଧ୍ୟ ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ କରୁଛନ୍ତି। ସେମାନେ ସାଧାରଣ ମାଓ କ୍ୟାଡରଙ୍କଠାରୁ ଅଧିକ ମାରାତ୍ମକ ଏବଂ ବିପଜ୍ଜନକ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ଥିଲା। ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ଥିଲା ମାଓ ଦମନ ଅଭିଯାନର ପ୍ରଥମ ପଦକ୍ଷେପ। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ କରି ସେମାନେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏହାକୁ ଅନେକାଂଶରେ ରୋକାଯାଇଛି।

# ରକ୍ତଦାତାଙ୍କ ପାଇଁ ଆହ୍ୱାନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରକ୍ତଦାତା ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ସଂପ୍ରତି ସମଗ୍ର ବିଶ୍ୱରେ ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ, ସଡ଼କ ଦୁର୍ଘଟଣା ଓ ସାମାଜିକ ଅଘଟଣ କ୍ଷେତ୍ରରେ ଲୋଡ଼ା ପଡୁଛି ଅମୂଲ୍ୟ ରକ୍ତ । ଯଥାର୍ଥରେ କୁହାଯାଏ ରକ୍ତଦାନ ଶ୍ରେଷ୍ଠ ଦାନ । ରକ୍ତର ବିକଳ୍ପ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁର୍ମୁଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁର୍ମୁଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱ ରେଡ଼କ୍ରସ ସଂସ୍ଥା ସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ପରିଚାଳନାରେ ରକ୍ତ ଭଣ୍ଡାର ମଧ କାର୍ଯ୍ୟ କରୁଛି । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଅନୁଷ୍ଠାନ ଓ ଆଧାତ୍ମିକ ସେବା ସଂଗଠନ ମାନେ ଏହି ମହାର୍ଘ୍ୟ ସେବାଦାନକୁ ଆପଣାଇ ନିୟମିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ସାଧାରଣରେ ଦେଖାଯାଇଥାଏ ରକ୍ତ ସଂଗ୍ରହ କ୍ଷେତ୍ରରେ ଯୁବପିଢ଼ୀଙ୍କ ସହଯୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରକ୍ତସଂଗ୍ରହ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସ, ଭୁଲଭ୍ରାନ୍ତିକୁ ସେହିମାନେ ନିଜର ସଂସ୍କାରଭିମୁଖୀ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ବୁଝାଇବାର ସାମର୍ଥ୍ୟ ରଖି ନିଜେ ସର୍ବପ୍ରଥମ ଏହି ସେବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି । ଯୁବ ପିଢ଼ୀଙ୍କ ଏହି ମହାର୍ଘ୍ୟ ସେବା ନିଶ୍ଚିତ ଭାବରେ ଆମ ସମାଜର ସମସ୍ତଙ୍କ ପ୍ରେରଣାର ଆଲୋକବର୍ତ୍ତିକା ।

ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି । ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଅଛନ୍ତି ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୨ ପିଣ୍ଟ ରକ୍ତ ଏବଂ ଲିଭର ପ୍ରତିରୋପଣ ବେଳେ ୧୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲାଟିଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୁନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ । ବର୍ଷର ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ରକ୍ତଦାତା ମାନଙ୍କ ଅନାଲୋଚିତ ପ୍ରତିଭାକୁ ସମସ୍ତଙ୍କ ସାମ୍ନାକୁ ଆଣି ସେହି ଜୀବନଦାତା ମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଉଛି ଏହା ନିଶ୍ଚିତ ଭାବେ ଅନ୍ୟ ରକ୍ତଦାତାଙ୍କ ଭିତରେ ପ୍ରେରଣା ସୃଷ୍ଟି କରିବ । ଜଣେ ଯୁବରକ୍ତ ଦାତା ରକ୍ତଦାନ କରୁଥିଲେ ରେଡ଼କ୍ରସ ବା ସଂପୃକ୍ତ ରକ୍ତଭଣ୍ଡାର ପକ୍ଷରୁ ପ୍ରତିବଦଳ ରକ୍ତ ପାଇଁ ଏକ ପରିଚୟ ପତ୍ର ମିଳିଥାଏ । ତେବେ ସରକାର ଓ ରେଡ଼କ୍ରସର ମିଳିତ ସହଯୋଗରେ ଯୁବରକ୍ତଦାତା ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କିଛି ରଖାଗଲେ ରକ୍ତଦାନର କାର୍ଯ୍ୟକ୍ରମ ଆହୁରି ବି ତ୍ୱରାନ୍ୱିତ ହୋଇପାରନ୍ତା । ସରକାରୀ ଓ ବେସରକାରୀ ସଂସ୍ଥାକୁ ଛାଡ଼ିଲେ ସରକାରଙ୍କ ସହଯୋଗୀ ସଂଗଠନ ମାନେ ମଧ ବର୍ଷର ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜିତ କରିଥାନ୍ତି । ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଯୁବ ପିଢ଼ୀଙ୍କ ଭିତରେ ଯଥାର୍ଥ ମାନବ ଜୀବନକୁ ଉଜ୍ଜୀବିତ କରିବା ପାଇଁ ରକ୍ତଦାନ ପରି ଜୀବନ ଦାନର ମହାମନ୍ତ୍ରକୁ ଆପଣାଇ ମୁର୍ମୁଷୁଟିର ଜୀବନ ରକ୍ଷା ପାଇଁ ରକ୍ତଦାନ କଲେ ଯଥାର୍ଥ ମାନବୀୟ ଜୀବନ ସାର୍ଥକ ହୁଅନ୍ତା । ନିଜର ରକ୍ତଦ୍ୱାରା ଅନ୍ୟ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲେ ଏହା ଯଥାର୍ଥ ଭାବେ ଜୀବନର ଶ୍ରେଷ୍ଠ ଦାୟିତ୍ୱବୋଧ ଯେ ହୁଅନ୍ତା ଏହି ବାର୍ତ୍ତା ବିଶ୍ୱ ରକ୍ତଦାତା ଦିବସର ଅନୁଚିନ୍ତନ ହେଉ ଏହା ହିଁ କାମନା ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

"ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି।

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

॥ ଯଶସ୍ୱିନୀ ପଟ୍ଟନାୟକ ॥

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେବ ଭଳି ବିଷୟରେ ମଧ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ୍ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥିା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧମରେ ମଧ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ।

**ଅଧକ୍ଷା, ନାଲନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,**

# ଯେକୌଣସି ମନୁଷ୍ୟ ବୁଦ୍ଧ ହୋଇପାରିବେ

॥ ଯଶସ୍ୱିନୀ ପଟ୍ଟନାୟକ॥

ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଲା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ଏହି ସଂସାରରେ ଯୁଗ ଯୁଗରେ ମାନବଜାତିର କଲ୍ୟାଣ ନିମିତ୍ତ ଭଗବାନ ମନୁଷ୍ୟ ଶରୀର ଧାରଣ କରି ଜନ୍ମଗ୍ରହଣ କରିଛନ୍ତି । ଭଗବାନ ବୁଦ୍ଧଙ୍କ ଜନ୍ମ ସେହି ଉଦ୍ଦେଶ୍ୟରେ ହୋଇଥିଲା । ମାନବଜାତିର କଲ୍ୟାଣ ନିମିତ୍ତ ନିଜେ କାର୍ଯ୍ୟ କରିବା ସହିତ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ମାଧ୍ୟମରେ ସେ ଆତ୍ମକଲ୍ୟାଣର ମାର୍ଗ ପ୍ରଦର୍ଶନ କରିଥିଲେ । ସେ କହିଥିଲେ ଯେ 'ମୁଁ ଜଣେ ସାମାନ୍ୟ ମନୁଷ୍ୟ । ଯେ କୌଣସି ମନୁଷ୍ୟ ମୋ ପ୍ରଦର୍ଶିତ ପଥରେ ଜୀବନୀ ପରିଚାଳନା କଲେ, ଠିକ୍ ମୋ ପରି ବୁଦ୍ଧ ହୋଇପାରିବ ।' ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ସହ ବୌଦ୍ଧଧର୍ମର ସମ୍ପର୍କ ରହିଥିବା ଗବେଷକମାନେ ମତ ଦିଅନ୍ତି । ଶ୍ରୀ ଜଗନ୍ନାଥଙ୍କ ଦଶାବତାର ମଧ୍ୟରେ ବୁଦ୍ଧଙ୍କ ନବମ ଅବତାର ବୋଲି କଳ୍ପନା କରାଯାଇ ଏପରି ପ୍ରାର୍ଥନା କରାଯାଏ । 'ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍, ସଦୟ-ହୃଦୟଦର୍ଶିତ-ପଶୁଘାତମ୍ କେଶବ ! ଧୃତ-ବୁଦ୍ଧଶରୀର ଜୟ ଜଗଦୀଶ ହରେ ।' ଅର୍ଥାତ୍ : ହେ, କରୁଣା ରସରେ ସଦା ପ୍ଲାବିତ, ଦୟାର ସାଗର । ଜୀବ ହିଂସା ଯହିଁ ସାଧିତ ହୁଅଇ ଶୁଭେ ତବବାଧା ସ୍ୱର । ଶରବିଦ୍ଧ ପକ୍ଷୀ ଆର୍ତ୍ତ ଚିତ୍କାରରେ ଦ୍ରବିତ ବୁଦ୍ଧାବତାର । ତବ ଜୟ ଗୀତି.. ଜୟ ଜଗଦୀଶ ହରେ। ବୌଦ୍ଧଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ଯେ ଜଗନ୍ନାଥଙ୍କର ନାଭି କ୍ଷେତ୍ରରେ ବୁଦ୍ଧଙ୍କର ପବିତ୍ର ଦାନ୍ତ ରହିଛି । ବୌଦ୍ଧ ଧର୍ମ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ବିଶ୍ୱରେ ଏକ ବିଶିଷ୍ଟ ଧର୍ମ ରୂପେ ପରିଗଣିତ ଓ ଆଦୃତ । ବିଖ୍ୟାତ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ଏଠାରେ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ବସତି ସ୍ଥାପନ କରି ଅନେକ ଶିଷ୍ୟ ଗ୍ରହଣ କରିଥିଲେ ଏବଂ ଅଶୋକ ତାଙ୍କରି ଠାରୁ ହିଁ ଧର୍ମ ଶିକ୍ଷା ପାଇଥିଲେ । ବୌଦ୍ଧ ଧର୍ମ ପୃଥିବୀର ଏକମାତ୍ର ଧର୍ମ, ଯାହା ଈଶ୍ୱର କୈନ୍ଦ୍ରିକ ନୁହେଁ । ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିବା ଭଗବାନ ବୁଦ୍ଧଦେବ ଜୀବନରେ ନିଜେ କେବେ କୌଣସି ଦେବଦେବୀଙ୍କୁ ପ୍ରାର୍ଥନା କରିନଥିଲେ ବା କାହାକୁ ସେପରି ପୂଜା ଅର୍ଚ୍ଚନା କରିବା ପାଇଁ ଉପଦେଶ ଦେଇନାହାନ୍ତି । ସେ କେବଳ ଶୀଳ, କଠୋର ନୈତିକ ଜୀବନ ଯାପନ, ସମାଧି ଓ ପ୍ରଜ୍ଞା ଉପରେ ଜୋର ଦେଇ ମାନବିକତାର ଅଭିବୃଦ୍ଧ ସାଧନ କରିଛନ୍ତି।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । ବସୁଧୈବ କୁଟୁମ୍ବକମ୍ । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ ପଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଲା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

## ଏଡିଏମ୍‌ଙ୍କ ତତ୍ତ୍ୱାବଧାନରେ ନାରାୟଣପାଟଣା ବ୍ଲକରେ ହେଲା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ନାରାୟଣପାଟଣା, (ମହାଭାରତ): କୋରାପୁଟ ଏଡିଏମ୍ ତପନ କୁମାର ନାୟକ ଙ୍କ ତତ୍ତ୍ୱାବଧାନରେ ଆଜି ନାରାୟଣପାଟଣା ବ୍ଲକ ଶୋଭା ଗୃହରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ଆୟୋଜିତ ହୋଇଥିଲା । ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଜିଲ୍ଲା ର ସମସ୍ତ ପ୍ରମୁଖ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସିଡିଓ ବେଣୁଧର ଶବର ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ବିପିଏଚ୍ ଓ ଦେବଦତ ମଲ୍ଲିକ ,ପିଏ ଆଇ ଟି ଡି ଏ ସ୍ନେହ ପ୍ରଭା ମାଝି ,ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ,ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ପ୍ରଭାତି ଝଡିଆ, ଡିଏସପି ବିରଂଚି ନାରାୟଣ ଜଗତ,ଡିଇଓ ପ୍ରଶାନ୍ତ କୁମାର ମହାନ୍ତି,ଜିଲ୍ଲା ପଂଚାୟତ ଅଧିକାରୀ ଯୁଗଳ କିଶୋର ନାୟକ ,ଡିଡବ୍ଲୁଓ ଦିବ୍ୟ ରଂଜନ ବିଶ୍ୱାଳ,ଡି ଏସ୍ ଡବ୍ଲୁ ଓ ଜ୍ୟୋସ୍ନା ପାଢୀ ଙ୍କ ସମେତ ବହୁ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ରେ ସର୍ବୋମୋଟ ୮୦ ଗୋଟି ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ୭୬ ଗୋଟି ଓ ସାମୁହିକ ୪ ଗୋଟି ଅଭିଯୋଗ ହୋଇଥିଲା । ନାରାୟଣପାଟଣା ବ୍ଲକ ରୁ ତଳଗୁମାଣ୍ଡି ପିଏମ୍ ଜି ଏସ୍ ବାଇ ରାସ୍ତା , ତଳଗୁମାଣ୍ଡି ରୁ ଭିତରପଡା ଗାଁ କୁ ରାସ୍ତା ଖରାପ ଥିବାରୁ ସମୟ ଅବଧି ଭିତରେ ନସରିବାରୁ ପଂଚାୟତ ବାସୀ ନାହିଁ ନଥିବାରୁ ହୋଇ ରାଣ ହେଉଥିବା ଅଭିଯୋଗ ହୋଇଥିଲା । ତେନ୍ତୁଳି ପଦର ପଚାୟତ ର ଟାଙ୍ଗଣିପଦର , ଏବଂ ମାଝି ଆମ୍ବ ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଠିକା ସଂସ୍ଥା ଏନ୍ ବି ସିସି ନିମ୍ନ ମାନର ହୋଇଥିବା ରୁ ରାସ୍ତା ଖରାପ ଯୋଗୁଁ ଜନସାଧାରଣ ହୋଇ ରାଣ ହେଉଥିବାରୁ ତୁରନ୍ତ ନୁତନ ରାସ୍ତା ନିର୍ମାଣ ପାଇଁ ଅଭିଯୋଗ କରିଥିଲେ ଗ୍ରାମବାସୀ ।ଚଳିତ ବର୍ଷ ମକା ଓ ଧାନ ଭଲ ଅମଳ ହେବା ଥିବା ଯୋଗୁଁ ଆଗକୁ ମକା ମଣ୍ଡି କରିବାକୁ ଚାଷୀ ନେତା ଏଡି ଏମ୍ ଙ୍କୁ ଅନୁରୋଧ କରିଥିଲେ ।ଲଙ୍ଗଲବେଡା ପଂଚାୟତରେ ସ୍ୱାସ୍ଥ୍ୟ ସେବା ପାଇଁ ପିଚ୍ ସି ସହ ପଂଚାୟତ ରେ ମକା ମଣ୍ଡି ଖୋଲିବାକୁ ଦାବି ଦୋହରାଇ ଥିଲେ ସରପଂଚ ଲକ୍ଷ୍ମୀ ପିଡିକା ।ଥାନା ଛକରୁ ବାଉରୀ ସାହି ରାସ୍ତା ଶୋଚନୀୟ ହୋଇଥିବା ବେଳେ ନୁତନ ସିମେଣ୍ଟ କଂକ୍ରିଟ ରାସ୍ତା ପାଇଁ ଅନୁରୋଧ କରିଥିଲେ ସାହି ବାସିନ୍ଦା ।ବିଜାଘାଟି ର କାଳିଆ ମାଳି ପାହାଡ ପର୍ଯ୍ୟଟନ ସ୍ଥଳୀ ପାଇଁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ବେଳେ ସେଠାରେ କୈଣସି ସୁ ବନ୍ଦୋବସ୍ତ ପ୍ରଶାସନ ପକ୍ଷରୁ କରାଯାଉନଥିବା ବେଳେ ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିବା ପାଇଁ ସେଲଫି ପୈଏଣ୍ଟ ,ଏକ ସୁଦୀର୍ଘ ଜାତୀୟ ସ୍ତମ୍ଭ ,ରହଣୀ ଆଲୋକିକରଣ , ସୈନ୍ଦର୍ଯ୍ୟକରଣ କରିବା କୁ ଗ୍ରାମବାସୀ ଅନୁରୋଧ କରିଥିଲେ ।ଏଥିସ ?ହ ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ହବିକା ରବି ଆଇ ଟି ଡି ଏ ବିଭାଗ ପକ୍ଷରୁ ବିଭିନ୍ନ ପଂଚାୟତ ରେ ନିର୍ମିତ ଛାତ୍ରାବାସ କୋଠା ନିମ୍ନ ମାନର ନିର୍ମାଣ କରାଯାଉଥିବା ଅଭିଯୋଗ କରିଥିଲେ ।ଜଣେ ଶିକ୍ଷକ ଶିକ୍ଷକତା ଛାଡ଼ି ଠିକାଦାର କାମ କରିବା ନେଇ ଶିକ୍ଷକ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ ଠିକାଦାର ଙ୍କୁ କଳା ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ନାରାୟଣପାଟଣା ଜଗନ୍ନାଥ ମନ୍ଦିର ପାଇଁ ଆସିଥିବା ଚାରି କୋଟି ଆନୁଦାନ ଅର୍ଥ ଖର୍ଚ୍ଚ ନହୋଇ ମନ୍ଦିର କିମ ନିର୍ମାଣ ରେ ଅହେତୁକ ବିଳମ୍ବ ,ଠିକାଦାର କାମ ବିଳମ୍ବ ଯୋଗୁଁ କାମ ଆଗେଇ ପାରୁନଥିବାରୁ ତହସିଲଦାର ଙ୍କୁ କ୍ଷମତା ପ୍ରଦାନ କରିବା , ତହସିଲଦାର ଙ୍କ ତତ୍ତ୍ୱାବଧାନରେ ପରିଚାଳନାଗତ କମିଟି ଗଠନ କରିବାକୁ ଜଗନ୍ନାଥ ପ୍ରେମୀ ପ୍ରଶାସନ କୁ ଅନୁରୋଧ କରିଥିଲେ ।ଜଳସେଚନ ପାଇଁ ଚେକ୍ ଡ୍ୟାମ , ଗାଁ ମାନଙ୍କରେ ସବୁଦିନିଆ ବିଜୁଳି ,ପାଣି ସମସ୍ୟା ,ରାସ୍ତାଘାଟ ,ପକକାଘର ପରି ବ୍ୟକ୍ତି ଗତ ଅଭିଯୋଗ ହୋଇଥିଲା ।ପରେ ଅଧିକାରୀ ମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ଲୋନ ପ୍ରଦାନ କରିବା ସହ ପଶୁଚିକିତ୍ସା ବିଭାଗ ତରଫରୁ ଆତ୍ମନିର୍ଭରଶୀଳ ପାଇଁ ବିଭିନ୍ନ ଯୋଜନା ରେ ୧୫ ରୁ ଅଧିକ ହିତାଧିକାରୀ ଙ୍କୁ କୁକୁଡ଼ା ,ଛେଳି ,ଗାଈ ,ମୋଇଶି ପାଳନ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।ଏକ୍ ପେଡ ମାଁ କେ ନାମ୍ ରେ ବ୍ଲକ ଅଫିସ ପରିସରରେ ଗଛ ଲଗାଯାଇଥିବା ଅଧିକାରୀ ଙ୍କ ଦ୍ୱାରା । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ଜୋନ୍ ସ୍ତରୀୟ କ୍ରୀଡାପ୍ରତିଯୋଗିତା



ବାରଙ୍ଗ, (ମହାଭାରତ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅଧିନସ୍ଥ କୁରୁଣ୍ଟି ଗ୍ରାମରେ ଥିବା ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୧୦ ତାରିଖରେ ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସତ୍ୟବତୀ ସାହୁ ଉଦ୍ଘାଟନ କରିଥିଲେ । ବିଦ୍ୟାଳୟସ୍ତରରେ କ୍ରୀଡା ଆବଶ୍ୟକତା ଓ ଏହାର ଭବିଷ୍ୟତ ଉପରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସତ୍ୟବତୀ ସାହୁ ନିଜର ଉଦବୋଧନରେ ମାଧ୍ୟମରେ ପ୍ରକାଶ କରିଥିଲେ । ଏହି ଜୋନ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅନ୍ଧୋଟି ଓ ବ୍ରାହ୍ମଣ ଝରିଲୋ କ୍ଲଷ୍ଟର ର ସି ଆର୍ ସି ସି ମଧ କ୍ରୀଡା ବିଷୟରେ ସାମୂହିକ ଉଦବୋଧନ ଦେଇଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ଶ୍ରୀମତୀ ମଳୟୀ ଦାଶଙ୍କ ସଭାପତିତ୍ୱରେ ମୋଟ ୧୦ଟି ବିଦ୍ୟାଳୟରୁ ୧୧୫ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କ ମଧ୍ୟରେ ଭଲିବଲ୍, କବାଡି ଓ ଖୋ ଖୋ ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡା ପ୍ରତିଯୋଗିତାରୁ ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ବୟସର ୪୨ ଜଣ ଛାତ୍ର ଛାତ୍ରୀ ବ୍ଲକ ସ୍ତରୀୟ କ୍ରୀଡାପାଇଁ ମନୋନୀତ ହୋଇଛନ୍ତି । ଏହି ଜୋନ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତା କୁ ବ୍ରାହ୍ମଣଝରିଲୋ ଜୋନ୍ ର ମୁଖ୍ୟ କ୍ରୀଡା ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ମାଝୀ ପରିଚାଳନା କରିଥିଲା ବେଳେ ଖଦୋଳ ଗ୍ରାମରେ ଥିବା ବିଳାଶୁଣି ବିଦ୍ୟାଳୟର ଓ ଉତ୍ତମା ପୂରରେ ଥିବା କେଦାରେଶ୍ୱର କ୍ରୀଡା ଶିକ୍ଷକ ଶ୍ରୀ ମାଝୀଙ୍କୁ ସହଯୋଗ କରିଥିଲେ । ଜୋନ୍ ସ୍ତରୀୟ କ୍ରୀଡା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯଥା ସ୍ୱାଗତିକା ପ୍ରିୟଦର୍ଶନୀ, ବବିତା ବେହେରା, ସୁଲିପ୍ସା ପତି, ମିନାକ୍ଷୀ ବେହେରା, ସୌମ୍ୟାଶ୍ରୀ ପାତ୍ର ,ମିନତୀ କୁମାରୀ ନାୟକ ଓ ସୁଦିପ୍ତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ ସହିତ ରାଜୀବ କୁମାର ପଣ୍ଡା ,ଶ୍ରୀ ରାମଚନ୍ଦ୍ର ଦାସ ଓ ବିଦ୍ୟାଳୟର ପାଚିକା ମଧ ଯଥା ସମ୍ଭବ ସହଯୋଗ କରିଥିଲେ ।

## ପାରାଦ୍ୱୀପ ଲେଡ଼ିଜ ୱିଙ୍ଗ ପୋର୍ଟ କ୍ଲବ ପକ୍ଷରୁ ଦ୍ୱିତୀୟା ଓଷା ଘାଣ୍ଟ ପ୍ରତିଯୋଗିତା

ପାରାଦ୍ୱୀପ, (ମହାଭାରତ): ଲେଡ଼ିଜ ୱିଙ୍ଗ ପୋର୍ଟ କ୍ଲବ ତରଫରୁ, ପୋର୍ଟ କ୍ଲବ ପ୍ରାଙ୍ଗଣରେ ଦ୍ୱିତୀୟା ଓଷା ଘାଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେହି କ୍ଲବ ର ୧୬ଜଣ ମହିଳା ସଦସ୍ୟା ପ୍ରତିଯୋଗିତା ରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଶେଷରେ ସ୍ୱପ୍ନା ବିଜୟିନୀ ପ୍ରଥମ, ମନୀଷା ଦିବ୍ୟଦର୍ଶିନୀ ଦ୍ୱିତୀୟ, ମୋନାଲିସା ମହାନ୍ତି ତୃତୀୟ ସ୍ଥାନ ପାଇଥିଲେର ଏହି ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ଭାବେ, ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଯନ୍ତ୍ରୀ ଇଂ ହିମାଂଶୁ ଶେଖର ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଲେଖା ଅଧିକାରୀ ଶ୍ରୀ ପ୍ରଶାନ୍ତ ମହାରଣା, ଏମ୍ପାୟାରସ ହୋଟେଲ ର ମ୍ୟାନେଜର ବିନୋଦ ନାଥ ଏବଂ ମାଷ୍ଟର ସେଫ ମନ୍ମଥ ମଲ୍ଲିକ ଯୋଗ ଦେଇ ପ୍ରତିଯୋଗିତା କୁ ଉଦଘାଟନ ଓ ପୁରସ୍କାର ବିତରଣ ମଧ୍ୟ କରିଥିଲେ, ସଭାକୁ ପରିଚାଳନା କରିଥିଲେ କ୍ଲବ ର ସମ୍ପାଦିକା ଦୀପିକା ବସନ୍ତିଆ, ସଭାପତି କବିତା ସାହୁ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପ ସଭାପତି ରିତୁ ରାମେଶ୍ୱରୀ ବେଉରା ।

## ହାଇୱା ଧକ୍କାରେ ଯୁବକ ମୃତ;ଘଟଣା ସ୍ଥଳରୁ ଗାଡ଼ି ଓ ଡ୍ରାଇଭର ଫେରାର୍


ବେଗୁନିଆ, (ମହାଭାରତ) : ବୋତଲମା ପଞ୍ଚାୟତ ଅନ୍ତର୍ଗତ ପାଟଣା ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଦ୍ରୁତଗତିରେ ଆସୁଥିବା ହାଇୱା ଧକ୍କାରେ ମୃତ୍ୟୁ ହୋଇଥିବା ଯୁବକ ଅଠରାଙ୍ଗ ଗ୍ରାମର ରମେଶ ବେହେରା ?(୪୦) ବୋଲି ଜଣାପଡିଛି । ରମେଶ ନିଜର କାମସାରି ଘରକୁ ନିଜ ବାଇକରେ ଫେରୁଥିବା ବେଳେ ପାଟଣା ଛକରେ କଳାମୁଗୁନି ପଥର ବୋଝେଇ ଏକ ହାଇୱା ରମେଶଙ୍କ ଧକ୍କା ଦେଇ ଫେରାର ହୋଇଯାଇଛି । ଘଟଣା ସ୍ଥଳରେ ବେଗୁନିଆ ପୋଲିସ ପହଞ୍ଚି ମୃତକର ଶବକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଏହି ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତେଜନା ସୃଷ୍ଟି ହୋଇଥିଲା। ଯାହାଫଳରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଉକ୍ତ ଅଞ୍ଚଳରେ ଏପରି ଛୋଟବଡ଼ ଦୁର୍ଘଟଣା ବାରମ୍ବାର ଘଟୁଥିବା ନେଇ ଅନେକ ଥର ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀ ମାନେ କର୍ଣ୍ଣପାତ କରିନଥିବା କାରଣରୁ ଏ ଭଳି ଦୁର୍ଘଟଣା ଘଟିଗଲା ।

## ଉତ୍କଳ ପୋର୍ଟ ଆଣ୍ଡ ଡକ ଓ ପାରାଦୀପ ପୋର୍ଟ ଆଣ୍ଡ ଡକ ଲେବର ୟୁନିୟନର ସଭାପତି ହେଲେ ଉମାକାନ୍ତ ପଟ୍ଟନାୟକ



ପାରାଦ୍ୱୀପ, (ମହାଭାରତ): ପାରାଦ୍ୱୀପ ବନ୍ଦରର ପୁରାତନ ଶ୍ରମିକ ସଂଗଠନ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ ଓ ପାରାଦୀପ ପୋର୍ଟ ଆଣ୍ଡ ଡ଼କ୍ ଲେବର ୟୁନିୟନର ସଭାପତି ପୂର୍ବତନ ସାଂସଦ ଓ ସର୍ବଭାରତୀୟ ଶ୍ରମିକ ନେତା ସର୍ଗତଃ ପ୍ରଭାତ ସାମନ୍ତରାୟଙ୍କ ଦେହାନ୍ତ ପରେ ନୂତନ କର୍ମକର୍ତ୍ତା ଚୟନ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ଯୁବ ସଭାପତି ତଥା ବର୍ତ୍ତମାନର ବିଜେପି ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉପରୋକ୍ତ ଦୁଇଗୋଟି ଶ୍ରମିକ ସଂଗଠନର ସାଧାରଣ ସଂପାଦକ ଭାବେ ବିଭୁଧେନ୍ଦ୍ର ନାରାୟଣ ମହାରଣା ଓ ସାର୍ଥକ ସାମନ୍ତରାୟ କାର୍ଯ୍ୟ କରିବେ । ସର୍ବସମ୍ମତ କ୍ରମେ ସର୍ବଶ୍ରୀ ବସନ୍ତ ନାୟକ, ଆଇନଜୀବୀ ସଂଜତ ଦାସ, ବନ୍ଦର କର୍ମଚାରୀ ଅଶୋକ କୁମାର ସାମଲ, ଧ୍ରୁନଚନ୍ଦ୍ର ତରାଇ ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଉପ ସାଧାରଣ ସଂପାଦକ ଭାବେ ବନ୍ଦର କର୍ମଚାରୀ ରତ୍ନାକର ସାହୁ, ସହ ସାଧାରଣ ସଂପାଦକ ଭାବେ ସର୍ବଶ୍ରୀ ଗିରିଶ ଚନ୍ଦ୍ର ସେଠୀ, ପ୍ରସନ୍ନ କୁମାର ନାଥ, ମନୋରଂଜନ ସାଇଁ, ରଶ୍ମୀ ରଂଜନ ବେଉରା ଏବଂ ସଂଗଠନ ସଂପାଦକ ଭାବେ ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ପାରାଦୀପ ବିଜେପି ପୂର୍ବତନ ସଭାପତି ବିଭୁ ପ୍ରସାଦ ନାୟକ, ସାମାଜିକ କର୍ମି ବିଧାନ ଚନ୍ଦ୍ର ପରିଡା, ବନ୍ଦର କର୍ମଚାରୀ ରଶ୍ମୀ ରଂଜନ ବାରିକ, ଲକ୍ଷ୍ମଣ ବେହେରା, ମେଘାନନ୍ଦ ସାମଲ, ବିଜୟ କୁମାର ନାୟକ, ଇଂ. ହିଂମାଶୁ ଶେଖର ବେହେରା, ଚିତ ରଂଜନ ବେହେରା, ସୁବାସ ସାଇଁ, ଚନ୍ଦନ କୁମାର ମହାନ୍ତି, ଭୀମସେନ ରାଉତ ଏବଂ ବିଭାଗୀୟ ସଂପାଦକ ଭାବେ ବନ୍ଦର କର୍ମଚାରୀ ସର୍ବଶ୍ରୀ ସମୀର ମହାପାତ୍ର, ମନୋଜ ମାଲିଆ, ଜିତେନ୍ଦ୍ର କୁମାର ବେହେରା, ସ୍ମୃତି ରଂଜନ ତ୍ରିପାଠୀ, ଯତିନ୍ କୁମାର ବେହେରା, ରଂଜିତ ବୋମାଲି, ଦୁଃଶାସନ ସାଇଁ, ପ୍ରଶାନ୍ତ ପ୍ରଧାନ, ଶ୍ରୀକାନ୍ତ ବେହେରା, ହୃଦାନନ୍ଦ ସାଇଁ, ସ୍ମୃତି ରଂଜନ ଦାସ, କୁମାରୀ ସୁମିତ୍ରା ପରିଡା, କମଳାକାନ୍ତ ପଣ୍ଡା ଓ ଶଶୀକାନ୍ତ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି । ପ୍ରକାଶ ଥାଉକି ଉପରୋକ୍ତ ଦୁଇଗୋଟି ୟୁନିଅନର ସଭାପତି ଭାବେ ବରିଷ୍ଠ ରାଜନୈତିକ ତଥା ଶ୍ରମିକ ନେତା ସର୍ଗତଃ ପ୍ରଭାତ ସାମନ୍ତରାୟ, ଡାକ୍ତର ଦାମୋଦର ରାଉତ, ଡଃ ସୁରେନ୍ଦ୍ର ମହାନ୍ତି, ଓଡିଶାର ପୂର୍ବତନ ବାଚସ୍ପତି ଶରତ କର ଓ ସର୍ଗତଃ ବିଭୁତି ରଂଜନ ପଣ୍ଡା ପ୍ରମୁଖ ବନ୍ଦର କର୍ମଚାରୀ ଓ ଡକ୍ ଶ୍ରମିକ ମାନଙ୍କ ସହିତ ସୁଖ-ଦୁଃଖରେ ରହି ସେମାନଙ୍କ ସୁଖ-ସୁବିଧା ଦେବାରେ ପ୍ରତିବଦ୍ଧତା ପରିପ୍ରକାଶ କରି ଆସିଥିଲେ । ଉମାକାନ୍ତ ପଟ୍ଟନାୟକ ଉପରୋକ୍ତ ଦୁଇଗୋଟି ଶ୍ରମିକ ସଂଗଠନର ଦାୟିତ୍ୱ ନେଇଥିବାରୁ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ/ସଭ୍ୟାମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରୋତ୍ସାହନ ଅଭାବରୁ ବିଶ୍ୱକର୍ମା ପୂଜା ଆୟୋଜକ ଙ୍କ ମଧ୍ୟରେ ନୈରାଶ୍ୟ : ପ୍ରଭାବିତ ହୋଇପାରେ ପାରାଦୀପ ପ୍ରସିଦ୍ଧ ମହୋତ୍ସବ



ପାରାଦୀପ. (ମହାଭାରତ): ଦୀର୍ଘ ୬୦ ରୁ ଉର୍ଦ୍ଧ ବର୍ଷ ହେବ ପାରାଦୀପ ବନ୍ଦରରେ ଓଡ଼ିଶାର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ସମାରୋହରେ ପାଳିତ ହୋଇଆସୁଛି । ଏଥିରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗ, ଶ୍ରମିକ ସଂଗଠନ, ବିଭିନ୍ନ ଗାଡି ମାଲିକ ସଙ୍ଘ, ମତ୍ସ୍ୟ ଉତ୍ପାଦକ ସଙ୍ଘ ପୂଜା କମିଟି ମାନଙ୍କ ଦ୍ୱାରା ବିଶ୍ୱକର୍ମା ପୂଜା ଏବଂ ଉଚ୍ଚକୋଟିର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି ମହୋତ୍ସବରେ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଜନସାଧାରଣ ମାନେ ବୁଲିବାକୁ ଆସିଥାନ୍ତି । ଏହି ମହୋତ୍ସବ ପାରାଦୀପ ବନ୍ଦର ପାଇଁ ଅନ୍ୟ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଛି । ତେବେ ସମ୍ପ୍ରତି ଆର୍ଥିକ ମାନ୍ଦାବସ୍ଥା ଏବଂ ପ୍ରୋତ୍ସାହନ ଅଭାବରୁ ଏବେ ପୂଜା ଆୟୋଜକଙ୍କ ମଧ୍ୟରେ ନୈରାଶ୍ୟ ଦେଖାଯାଇଛି । ଚଳିତ ପୂଜା ଉତ୍ସବର ସଫଳତା ପାଇଁ ଜିଲ୍ଲା ତଥା ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଓ ପୂଜା କମିଟି ମାନଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରାଯାଉଥିବା ବେଳେ ପୂଜା ମଣ୍ଡପ ପାଇଁ ଉଦ୍ଦିଷ୍ଟ ସ୍ଥାନ ଓ ବିଦ୍ୟୁତ ସଂଯୋଗ ନିମନ୍ତେ ମୋଟା ଅଙ୍କର ଅର୍ଥ ପୈଠ ଆୟୋଜକ ମାନଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି । ଯଦିଓ ବିଭିନ୍ନ ପ୍ରାକ ପ୍ରସ୍ତୁତି ବୈଠକରେ ଆୟୋଜକ ମାନେ ପୂଜା ମଣ୍ଡପ ସ୍ଥାନ ଓ ବିଦ୍ୟୁତ ଶୁଳ୍କ ଛାଡ଼ କରିବାକୁ ପାରାଦୀପ ବନ୍ଦର ପ୍ରଶାସନକୁ ଅନୁରୋଧ କରିଥିଲେ ତେବେ ଏଥିରେ କୌଣସି ସୁଫଳ ମିଳିନଥିବା ନେଇ ପାରାଦୀପ ଟ୍ରକ ମାଲିକ ସଂଘର ସଭାପତି ବିରଞ୍ଚି ନାରାୟଣ ପରିଡା କ୍ଷୋଭର ସହ ପ୍ରକାଶ କରିଛନ୍ତି ।କ୍ଷ ସେହିପରି ପ୍ରତିବର୍ଷ ଭଳି ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ପାରାଦୀପ ଟ୍ରକ ମାଲିକ ସଙ୍ଘ ସେମାନଙ୍କ ପୂଜା ମଣ୍ଡପ ନିକଟରେ ବଲିଉଡ ର ପ୍ରସିଦ୍ଧ ଗାୟକ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ନିମନ୍ତେ ପ୍ରସ୍ତୁତି ଚଳାଇଥିବା ବେଳେ ସେଠାରେ ବନ୍ଦର ଭୁସମ୍ପଦ ବିଭାଗ କର୍ମଚାରୀ ମାନେ ମିନା ବଜାର ହେବ ବୋଲି କହି କାମକୁ ବନ୍ଦ କରିବା ଅଭିଯୋଗ ହୋଇଛି । ଏଠାରେ ପୂଜାକୁ ପ୍ରୋତ୍ସାହନ ନକରି ପୂଜା ସ୍ଥାନ ମାନଙ୍କରେ ମାଳ ମାଳ ମିନାବଜାର କରିବାର ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନ ଉଠାଇଛନ୍ତି ଟ୍ରକ ସଙ୍ଘ ସଭାପତି ଶ୍ରୀ ପରିଡା ।

## ଜୟପାଟଣା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ




କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୪୮ ଗୋଟି ଓ ସାମୂହିକ ୨୩ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ,ରାସ୍ତା ନିର୍ମାଣ, ଆର୍ଥିକ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଅବକାରୀ ବିଦ୍ୟୁତ୍, ଜଳଛାୟା, ସମବାୟ, ବ୍ୟାଙ୍କ ତହସିଲ, ବ୍ଲକ ଇତ୍ୟାଦି ସମ୍ବନ୍ଧୀୟ ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ବ୍ଲକ ଅଧକ୍ଷ ଥବିର ବାଗ, ଜିଲ୍ଲା ପରିଷଦ ସଭ୍ୟ ଅଙ୍ଗଦ ମାଝୀ, ବିଡିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ଏସ୍ ଡି ପିଓ ଢ଼ୋଲାମଣୀ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପିଡି, ୱାଟର ସେଡ,ପ୍ରଭାକର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ୬ ମାସ ଜେଲଦଣ୍ଡ

କପ୍ତିପଦା, (ମହାଭାରତ) : ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି ଉଦଳା ଏସଡିଜେଏମ । ଅଭିଯୁକ୍ତଙ୍କୁ ୬ ମାସ ଜେଲଦଣ୍ଡ ସହିତ ୩ ଲକ୍ଷ ୫୮ ହଜାର ଟଙ୍କାର ଜୋରିମାନା କରାଯାଇଛି । ଏଭଳି ରାୟ ଶୁଣାଇଛନ୍ତି ଉଦଳା ଏସଡିଜେଏମ ଅନୁରାମ ଦେହୁରୀ । ମାମଲା ଅନୁସାରେ, କପ୍ତିପଦା ଥାନା ଗୋଳାଗଡିଆ ଗ୍ରାମର ଅରବିନ୍ଦ ବିନ୍ଧାଣୀଙ୍କୁ ଉଦଳା ଏନଏସି ଅଞ୍ଚଳରେ ଜମି ଯୋଗାଇ ଦେବା ନିମନ୍ତେ ଜୀବନ ମାରାଣ୍ଡି ୨ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ । ହେଲେ ଜମି ଯୋଗାଇ ଦେଇ ନ ଥିଲେ । ଅଗ୍ରୀମ ଆକାରରେ ଟଙ୍କା ନେଇଥିବା ବେଳେ ଜମି ଯୋଗାଇ ଦେଇ ନ ପାରି ୨ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ଅରବିନ୍ଦଙ୍କୁ ପ୍ରଦାନ କରିଥିଲେ ଅଭିଯୁକ୍ତ । ହେଲେ ଉକ୍ତ ଚେକ୍ ବାଉନ୍ସ ହେବାରୁ ଆବେଦନକାରୀ ଏ ନେଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀ ଅରବିନ୍ଦ ବିନ୍ଧାଣୀଙ୍କ ପକ୍ଷରୁ ଆଇନଜୀବି ଲକ୍ଷ୍ମୀନାରାୟଣ ପୁଥାଳ ମାମଲା ଲଢିଥିବା ବେଳେ ଉକ୍ତ ଅଭିଯୋଗର ଶୁଣାଣୀ କରିଛନ୍ତି ଉଦଳା ଏସଡିଜେଏମ । ଚେକ୍ ବାଉନ୍ସ ନେଇ ଜୀବନ ମାରାଣ୍ଡିଙ୍କୁ ୬ ମାସ ଜେଲଦଣ୍ଡ ସହିତ ୩ ଲକ୍ଷ ୫୮ ହଜାର ଟଙ୍କାର ଜୋରିମାନା ଏବଂ ଅନାଦେୟ ବାବଦକୁ ଅଧିକ ୨ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଏସଡିଜେଏମ ଅନୁରାଗ ଦେହୁରୀ ।


## ଚିଲିକା ତହସିଲ କ୍ଲର୍କ ସୁକାନ୍ତ ନାୟକ ନିଖୋଜ... ଅସହାୟ ହୋଇପଡ଼ିଛନ୍ତି ତହସିଲଦାର...

ଚିଲିକା, (ମହାଭାରତ) :ଚିଲିକା ତହସିଲ ଅଧିନସ୍ତ ପ୍ରଶାସନିକ ସ୍ତରରେ ସେବା ପାଇଁ ନିଜକୁ ଅସହାୟ ମନେ କଲେଣି ସାଧାରଣ ଲୋକେ। ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ସାଧାରଣ ଲୋକଙ୍କୁ। ପ୍ରକାଶ ଥାଉକି ରାଜ୍ୟ ସାରା ଅମଳା ସଙ୍ଘ ସାମୁହିକ ଛୁଟି ନେଇ ଅନଶନରେ ୧୫ଦିନ ହେବ ବସିଥିବାବେଳେ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ପରେ ଅନଶନରୁ ଓହରି ନିଜ ନିଜ କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ଆଜକୁ ଦୀର୍ଘ ୧ମାସ ହେବ ଛୁଟିରେ ଯାଇ ଆଉ କାର୍ଯ୍ୟକୁ ଫେରିନାହାନ୍ତି ଚିଲିକା ତହସିଲ କ୍ଲର୍କ ସୁକାନ୍ତ ନାୟକ। ବିଭିନ୍ନ ଲୋକ ବିଭିନ୍ନ କାମ ନେଇ ତହସିଲକୁ ଯାଇ ସୁକାନ୍ତ ନାୟକ ଅନୁପସ୍ଥିତ ଦେଖି ନିରାଶ ହୋଇ ଫେରୁଛନ୍ତି। ଏ ନେଇ ଚିଲିକା ତହସିଲଦାର କାନ୍ହୁ ଘଡେଇଙ୍କୁ ଯୋଗାଯୋଗ କରିବାରେ କୁହନ୍ତି କ୍ଲର୍କ ସୁକାନ୍ତ ନାୟକଙ୍କ ଅନୁପସ୍ଥିତ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଆଉ ସୁକାନ୍ତ ନାୟକ ପାଇଁ ଯେତେ ସବୁ କାମ ଅଟକିଛି ତାହା ଆଗାମୀ ଦିନରେ ନିଜେ ତହସିଲଦାର ସମ୍ପାଦନ କରିବେ ବୋଲି ଆଶ୍ୱସନା ଦେଇଛନ୍ତି। ୧ମାସ ହେବ ଅନୁପସ୍ଥିତ ନେଇ ତହସିଲଦାର କାହିଁକି ସୁକାନ୍ତ ନାୟକଙ୍କୁ ଯୋଗାଯୋଗ କରୁନାହାନ୍ତି, ଯଦି ଯୋଗାଯୋଗ କରିଛନ୍ତି ତେବେ କାହିଁକି କାରଣ ଦର୍ଶାଅ ନୋଟିସ ଜାରି କରୁନାହାନ୍ତି ବୋଲି ଅନେକ ପ୍ରଶ୍ନ ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି। ଚିଲିକା ତହସିଲ ଅଧିନସ୍ଥ କେଉଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ନାହାନ୍ତି ତ ଆଉ କେଉଁଠି ଅମିନ ନାହାଁନ୍ତି। ଏପରିକି ଆଜକୁ ୧୦ଦିନ ହେବ ବାଲୁଗାଁ ଅମିନଙ୍କୁ ନିଜ କାର୍ଯ୍ୟାଳୟ କାମ ଛାଡି ଅନ୍ୟ ସ୍ଥାନକୁ ଡେପୁଟେସନରେ ପଠାଇବା ଫଳରେ ବାଲୁଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଭାର ବଢୁଥିବା ଦେଖିବାକୁ ମିଳିଛି। ବଡକୁଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ନଥିବାବେଳେ ବାଲୁଗାଁ ରାଜସ୍ୱ ନିରୀକ୍ଷକ ଅଧିକାରୀଙ୍କୁ ଉଭୟ ବାଲୁଗାଁ ଏବଂ ବଡକୁଳ କାର୍ଯ୍ୟ ତୁଲାଇବାକୁ ପଡୁଛି ଯାହା ଫଳରେ ନିଜକୁ ଅସହାୟ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି।

## କୋରକୁଣ୍ଡା ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ମାଲକାନଗିରି, (ମହାଭାରତ) : ଆଜି କୋରକୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୪୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୧୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ସେହିପରି ୪ ଗୋଟି ରାସନ୍ କାର୍ଡ, ଗୋଟିଏ ବିଜୁଳି ସଂଯୋଗୀକରଣ, ୫ ଗୋଟି ଜମିଜମା ସମ୍ବନ୍ଧୀୟ, ଗୋଟିଏ ଚାକିରୀ ସମ୍ବନ୍ଧୀୟ, ଗୋଟିଏ ପାନୀୟ ଜଳ, ଗୋଟିଏ ସାମାଜିକ ସୁରକ୍ଷା ପେନସନ ଏବଂ ୨୭ ଗୋଟି ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା। ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ପେନସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା। ଆଜିର ଶିବିରରେ ୬୮ ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୨୬ ଜଣ ଶ୍ରମିକ ଙ୍କର ନୂତନ ଭାବେ ନାମ ପଞ୍ଜିକରଣ କରାଯାଇଛି। ସେହିପରି ୫୭ ଜଣ ଶ୍ରମିକ ଙ୍କର କାର୍ଡ ନବୀକରଣ କରାଯାଇଛି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୫ ଜଣ ଓ ୪ ଜଣ ହିତାଧିକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୨୩ ଜଣ ରାସନ୍ କାର୍ଡ ହିତାଧିକାରୀଙ୍କ ଇ କେୱାଇସି ଅପଡେଟ କରାଯାଇଛି । ୧୫ ଜଣଙ୍କ ର ଆଧାର କାର୍ଡ ଅପଡେଟ

## ପ୍ରହସନରେ ପରିଣତ ହୋଇଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା



ଦଶପଲ୍ଲା, (ମହାଭାରତ): ବିଜୁଳି ଦର ହ୍ରାସ ତଥା କମ ପଇସାରେ ବିଜୁଳି ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ଲୋକମାନଙ୍କୁ ସାମିଲ କରାଯାଇ ମାସିକ ବିଜୁଳି ବ୍ୟବହାର ସହ, ପରିବେଶ ସୁରକ୍ଷାରେ ସହାଘଳ ହେବା ପାଇଁ ଲକ୍ଷ ମଧ ରଖାଯାଇଛି । ରାଜ୍ୟରେ ଏହି ଯୋଜନା ଆରମ୍ଭ ହେବାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଦଶପଲ୍ଲା ବ୍ଲକ ଅଞ୍ଚଳରେ ଏହା ଆଶାନୁରୁପ ଭାବେ ସଫଳ ପାଇପାରି ନ ଥିବା ଦେଖାଯାଇଛି । ଲୋକମାନଙ୍କୁ ସୁହାଇଲା ଭଳି ଯୋଜନା ହୋଇ ମଧ ବିଭିନ୍ନ କାରଣରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଏକ ପ୍ରକାର ଫେଲ ମାରିଥିବା ଜଣାଯାଇଛି । ସରକାରଙ୍କ ପକ୍ଷରୁ ଗତ ୨୦୧୪ ମସିହା ଫେବୃୟାରୀ ମାସରୁ ଏ ଯୋଜନା ଆରମ୍ଭକରାଯାଇଥିଲା ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଠାରେ ସବସିଡ୍ ପ୍ରଦାନ ପାଇଁ ନିୟମ ରହିଥିଲେ ମଧ ରାଜ୍ୟ ସରକାରଙ୍କ ପଖକୁ ଅତିରିକ୍ତ ସବସିଡି ଘୋଷଣା କରାଯାଇ ଥିଲା । ସରକାରଙ୍କ ପକ୍ଷରୁ ଏତେ ପରିମାଣରେ ସବସିଡ଼ି ଦିଆଯାଇଥିରେ ମଧ ଏହି ଯୋଜନା ଆଗେଇ ପାରୁନାହିଁ। ଦଶପଲ୍ଲା ବ୍ଲକ ଅଧୀନରେ ମଧ ବହୁ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିବା ଲୋକମାନେ ଏହାକୁ ସିଧାସଳଖ ଭାବେ ଟଙ୍କା ଦେଇ ସ୍ଥାପନ କରିପାରିବେ ମାତ୍ର ଗରିବ ଲୋକମାନେ ପ୍ରଥମରୁ ଏତେ ଟଙ୍କା ହାତରୁ ଖର୍ଚ୍ଚ କରିବା ସମ୍ଭବପର ହେଉନାହିଁ । ଫଳରେ ଗ୍ରାମାଞ୍ଚଳରେ ହାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁ ଲୋକମାନେ ଆଗୁଆ ଟଂକା ଖର୍ଚ୍ଚ କରି କେମିତି ଏହାରେ ସୁବିଧା ନେବେ ସେ ନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ସରକାର ଏହାକୁ ବ୍ୟାଙ୍କ ମାଧ୍ୟରେ ଋଣ କରି ସୁବିଧା ଯୋଗାଇଦେବାର ପ୍ରାବଧନ ରହିଛି । ହେଲେ ବ୍ୟାଙ୍କରୁ ଗରିବ ସାଧାରଣ ଲୋକଟିଏ ଋଣ ଆଣିବା କଷ୍ଟକର ହୋଇପଡ଼ିଛି । ଫଳରେ ଏହି ଯୋଜନାରେ ଲୋକମାନେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଏହି ଯୋଜନା ସଠିକ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଜଣାପଡିଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ମଣ୍ଡଳଦେବୀ ଗ୍ରାମର ବିଭିନ୍ନ ସମସ୍ୟା ର ସମୀକ୍ଷା କରିବା ସହ ଗ୍ରାମ ବାସିର ଗୁହାରି ଶୁଣିଲେ ବିଧାୟକ



ପାରଳାଖେମୁଣ୍ଡି (ମହାଭାରତ) ଆଜି ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ମଣ୍ଡଳଦେବୀ ଗ୍ରାମ ଗ୍ରସ୍ତ କରିଥିଲେ ବିଧାୟକ ରୂପେସ ପାଣିଗ୍ରାହୀ , ପ୍ରଥମେ ଗାଁ ମୁଁହ ଠାରୁ ଗ୍ରାମ ବାସି ଭବ୍ୟ ସ୍ୱାଗତ ଜଣାଇଥିଲେ ।ଗାଁ ମୁଁହ ରେ ଥିବା ଶିବମନ୍ଦିର ଯାଇ ପ୍ରଥମେ ମହାଦେବ ଙ୍କ ଆଶ୍ରିବାଦ ନେଇ, ସେଇ ମନ୍ଦିର ର ଉନ୍ନତି ପାଇଁ ବିଧାୟକ ପାଣ୍ଠି ରୁ ଅନୁଦାନ ପ୍ରଦାନ କରି ମନ୍ଦିର ର ଉତ୍ତତି କରିବା କଥା କୋହିଥିଲେ।ଏଇ ଗ୍ରାମ ରେ ଥିବା ୬୦ ବର୍ଷ ରୁ ଉର୍ଦ୍ଧ ବୟସ୍କ ମହିଳା ପୁରୁଷ ମାନଙ୍କ ପେନସନ ହୋଇନଥିବା ଶୁଣି ତୁରନ୍ତ ପ୍ରଶାସନ କୁ ଜଣାଇଥିଲେ।, ସେଇ ଭଳି ସେଇ ଗ୍ରାମ ର ଜଣେ ଭିନ୍ନକ୍ଷମ ସହ ୮୫ ବର୍ଷ ହୋଇଥିବା ଜଣେ ଭିନ୍ନକ୍ଷମ ର ବର୍ତ୍ତମାନ ବି ୧୨୦୦ ଟଙ୍କା ପେନସନ ପାଉଥିବା ଖବର ପାଇ କ୍ଷବ ପ୍ରକାଶ କରିବା ସହ ସେଇ ବିଷୟନେଇ ଜିଲ୍ଲା ପ୍ରଶାସନ କୁ ଅବଗତ କରିଥିଲେ। ବିଧାୟକ ଗ୍ରାମ ରେ ପରିଭ୍ରମଣ ସମୟରେ ସେଇ ଗ୍ରାମର ଦୀର୍ଘ ୧୫ ବର୍ଷ ହେବ ଅଧା କାମ ହୋଇ ରହିଥିବା ଅଙ୍ଗନୱାଡି କେନ୍ଦ୍ର ରେ ଗ୍ରାମ ରେ ଥିବା ଗାଈ ଗୁଡ଼ିକୁ ବାନ୍ଧି ସେଠାରେ ରଖି ଅପରିଷ୍କାର ପରିବେଶ ସୃଷ୍ଟି କରୁଥିବା ଗ୍ରାମ ବାସି କହିଥିଲେ । ଏଥିପ୍ରତି ତୁରନ୍ତ ପଦେକ୍ଷପ ନେଇ ଅଧା ରହିଥିବା କାମ ସମ୍ପୂର୍ଣ୍ଣ କରିବା ନେଇ ସୂଚନା ଦେଇଥିଲେ ବିଧାୟକ ରୂପେଶ ପାଣିଗ୍ରାହୀ।

# ଆସ ବୁଲିଯିବା ଜ୍ୱରଛଡା ଠାକୁରାଣୀ ମା ଉକୁଳେଇଙ୍କ ପୀଠ

ଅସ୍ତରଙ୍ଗ(ମହାଭାରତ) : ଚାଲିଛି ପାର୍ବଣ ର ଋତୁ, ଭାରତ ବର୍ଷ ର ପ୍ରତ୍ୟେକ ଶକ୍ତି ପୀଠ ଚଳଚ□ଳ, ପ୍ରତ୍ୟେକ ଶକ୍ତି ପୀଠ ରେ ଚାଲିଛି ପାର୍ବଣ ର ପାରମ୍ପରିକ ପୂଜା, ଓଡିଶା ରାଜ୍ୟ ରେ ଅନେକ ଶକ୍ତିପୀଠ ରେ ମୂଳାଷ୍ଟମୀ ରୁ ଖୁବ ଧୁମଧାମ ରେ ଚାଲିଛି ଷୋହଳପୂଜା, ଆଜି ଆମେ କହୁଛୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ପ୍ରସିଦ୍ଧ ଶକ୍ତିପୀଠ ମାଉକୁଳେଇ ଙ୍କ ବିଷୟରେ, ସାରା ରାଜ୍ୟ ରେ ଏହି ଠାକୁରାଣୀ ଜ୍ୱର ଛଡା ଠାକୁରାଣୀ ନାମ ରେ ବେଶ ଜଣାଶୁଣା। କାକଟପୁର ରୁ ଅସ୍ତରଙ୍ଗ ରାସ୍ତା ରେ ପ୍ରାୟ ୭ କିଲୋମିଟର ପାଖାପାଖି ଆସିଲେ ମୁଖ୍ୟ ରାସ୍ତା ରେ ପଡେ ମା ଉକୁଳେଇ ଛକ, ସେହି ଛକ ରୁ ବାମ ପଟେ ୫୦୦ ମିଟର ହେଉଛି ମହାତ୍ମାଗାନ୍ଧୀ କଲେଜ ରାସ୍ତା, କଲେଜ ପୂର୍ବରୁ ପଡେ ମା ଙ୍କ ପୀଠ, ମା ଙ୍କ ପୀଠ ରେ ପ୍ରବେଶ କଲେ ସୁନ୍ଦର ପୁଷ୍ପ ବାଟିକା ଉଭୟ ପାର୍ଶ୍ୱ ରେ ଦର୍ଶକ ଙ୍କ ମନ ମୋହେ,ଆଉ ହାତେ ଆଗକୁ ଗଲେ ନଡ଼ିଆ ଗଛ ର ଅପୂର୍ବ ମିଳନ ସ୍ଥଳ, ଆଗ ପଡିବ ମା ଙ୍କ ପିଠ ରେ ସିଦ୍ଧ ହୁଙ୍କା, ଯେଉଁଠି ରହିଛନ୍ତି ମା ଙ୍କ ଚଳନ୍ତି ପ୍ରତିମା ଆଉ ଭକ୍ତ ଙ୍କ ନିକଟରୁ ଭୋଗ ରୂପେ ନିଅନ୍ତି କଦଳୀ, ସେଇଠି ଦେଖିବେ ମାନସିକ ଧାରୀ ଙ୍କର ହଜାର ହଜାର ନଡ଼ିଆ ଗୁଆ, ଯିଏ ଯେଉଁ ରୋଗ ପାଇଁ ମାନସିକ କରୁ ସେହି ସ୍ଥାନରେ ମା ଙ୍କ ନାମ ରେ ଗୁଆ ନଡ଼ିଆ ସ୍ଥାପନ କରନ୍ତି। ପ୍ରତ୍ୟେକ ଦିନ ମା ଙ୍କ ପୀଠ ରେ ଭକ୍ତ ଙ୍କ ଚଳଚଞ୍ଚଳ ଲାଗିଥିବା



ବେଳେ ପ୍ରତ୍ୟେକ ଗୁରୁବାର ମା ଙ୍କ ପୀଠ ରେ ଓଡିଶା ରାଜ୍ୟ ରୁ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମେ, ଉତ୍ତର ପଟେ ମା ଙ୍କ ପୁଷ୍କରିଣୀ ଆଉ ଏହି ମଝିରେ ମା ଙ୍କର ଭବ୍ୟ ଦେଉଳ କୁ ଯଜ୍ଞ ମଣ୍ଡପ, ଗୁମୁଟି ଭିତରେ ମା ଙ୍କୁ ଦୂରରୁ ଯିଏ କେହି ଦେଖେ ମା ଜୀବନ୍ତ ହୀରାମଣି ଭଳି ଦୃଶ୍ୟ ହୁଅନ୍ତି, ମା ଙ୍କ ପୂଜକ ମଙ୍ଗୁଳି ମହାନ୍ତି ବା ମଙ୍ଗୁଳି ବାବା କୁହନ୍ତି ମା ହେଉଛନ୍ତି ଜୀବନ୍ତ, ଯେ କୌଣସି ଭକ୍ତ ମା ଙ୍କୁ ଶ୍ରଦ୍ଧା ରେ ଗୁଆ ନଡ଼ିଆ ଟିଏ ବଢେଇ ଦିଏ ମା ତାର ଦୁଃଖ ଲାଘବ କରନ୍ତି, ସବୁଠୁ ବେଶ ଭଲ କଥା ଟିଏ ଏଠି ପୂଜା ବାବଦରେ କାହାକୁ ଅର୍ଥ ଦାବୀ ହୁଏନାହିଁ, ଯେଉଁ ଭକ୍ତ ଯାହା ଖୁସି ରେ ମା ଙ୍କ ହୁଣ୍ଡିରେ ଦାନ ଦେଇଥାନ୍ତି,, ମା ଙ୍କ ସିଧ ପୁଷ୍କରିଣୀ ହେଉଛି ଅମୃତ କୁଣ୍ଡ, ଯିଏ ଯେ କୌଣସି ଜୋର ରୋଗ ରେ ଆସି ଏହି ପୁଷ୍କରିଣୀ ରେ ସ୍ନାନ କରେ ନିମିଷକ ଭିତରେ ଆରୋଗ୍ୟ ହୁଏ। ଜଳ ରେ ଗଙ୍ଗାଜଳ, ଚୁଆ, ଚନ୍ଦନ, କର୍ପୁର ଅଗୁରୁ ହଳଦୀ ପଡି ମା ଙ୍କର ମାର୍ଜନା ସରିଲେ ଏହି ପାଦୁକ ପାଣି ନେଇ ରୋଗୀ ମାନେ ଦେହ ରେ ଲଗାଇ ସିଧ ପୋଖରୀ ରେ ସ୍ନାନ କଲେ ଆରୋଗ୍ୟ ଲାଭ ହୁଅନ୍ତି, ଏଭଳି ଅନେକ ଉଦାହରଣ ଅଛି ଭୟଙ୍କର ଜୋର ରୋଗ ରେ ଡାକ୍ତର ଫେରାଇ ଦେଇଛି ସେ ରୋଗୀ ମାନେ ଆସି ମା ଙ୍କ ନିକଟରେ ଶରଣ ନେଇଛି ଆଉ ନୂଆ ଜୀବନ ପାଇ ଫେରିଛନ୍ତି, ଅନେକ ଭକ୍ତ ଙ୍କ ମାନସିକ ପୂରଣ ହେବା ପରେ ଅନୁଷ୍ଠାନ କୁ ଉତ୍ତତି ପାଇଁ ସହଯୋଗ କରିଛନ୍ତି। ଏହି ପାର୍ବଣ ରେ ମା ଙ୍କର ଷୋହଳ ପୂଜା ସମୟ ରେ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଏହି ସ୍ଥାନରେ ଦେଖିବାକୁ ମିଳେ, ମା ଙ୍କ ନିକଟରେ ଆମିଷ ଭୋଗ ପ୍ରସିଦ୍ଧ, ଶ୍ରାବଣ ମାସ ଓ କାର୍ତ୍ତିକ ମାସ ବ୍ୟତୀତ ଅନ୍ୟ ସମୟ ରେ ମାଛ ମହୁର ଭୋଗ ମା ଙ୍କ ନିକଟରେ ହୁଏ, ଗୁରୁବାର ଝୁଣା, କର୍ପୁର ମିଶ୍ରିତ ଧୂପ ମା ଙ୍କୁ ଦିଆଯିବା ପରେ ରୋଗୀ ମାନେ ତାକୁ ଗ୍ରହଣ କରି ଅନେକ ରୋଗ ରୁ ମୁକ୍ତି ପାଇଥାନ୍ତି, ଆସନ୍ତୁ ଏହି ପାର୍ବଣ ରେ ବୁଲିଯିବା ଏହି ନିଆରା ଜ୍ୱରଛଡା ଶକ୍ତିପୀଠ ମା ଉକୁଳେଇ ପୀଠ।

## ୨୫କିଲୋ ଗଞ୍ଜେଇ ଜବତ: ଦୁଇ ଗିରଫ



ଆସିକା(ମହାଭାରତ): ଅବକାରୀ ଅଧୀକ୍ଷକ ଗଞ୍ଜାମ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଅବକାରୀ ଇନ୍ସପେକ୍ଟର ଡ଼ମ୍ବୁରୁ ଧର ହରିଜନ ଓ ଓଆଇସି ଆସିକା ରାକେଶ ଖୁଣ୍ଟିଆ ପୂର୍ବସୂଚନା ମୁତାବକ ଦୁଇଟି ଭିନ୍ନ ସ୍ଥାନରୁ ୨୫କିଲୋ ଗଞ୍ଜେଇ ସହ ଦୁଇଟି ସ୍କୁଟି ଓ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରକାଶ ଥାଉକି ପୂର୍ବସୂଚନା ମୁତାବକ ଅବକାରି ଓଆଇସି ଆସିକା ଥାନା କର୍ଣ୍ଣଳି ଛକ ଠାରେ ସନ୍ଦେହରେ ଗୋଟିଏ ପଞ୍ଜିକୃତ ନମ୍ବର ନଥିବା ଟିଭିଏସ ଜୁପିଟର ସ୍କୁଟିକୁ ଅଟକାଇ ଯାଞ୍ଚ ସମୟରେ ସେଥିରୁ ୧୫ କିଲୋଗ୍ରାମ ଗଞ୍ଜେଇ ସହ ଛତ୍ରପୁର ଅ□ଳର ବିକ୍ରମ ବେହେରା (୩୪) କୁ ଗିରଫ କରି ଅବକାରୀ ଥାନା କେସ ନମ୍ବର ୧୬୦/୨୫ ରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ଉକ୍ତ ଗଞ୍ଜେଇ କନ୍ଧମାଳରୁ ବ୍ରହ୍ମପୁର ଯାଉଥିବା ନେଇ ସୂଚନା ରହିଛି। ଅନୁରୂପ ପୂର୍ବସୂଚନା ମୁତାବକ ଆସିକା ଥାନା ସୁମନ୍ତପଲ୍ଲୀ ଠାରେ ଓଡି ୩୨ ଏଫ ୫୫୦୮ ନମ୍ବର ବିଶିଷ୍ଟ ଏକ ଲାଲ ରଙ୍ଗର ହୋଣ୍ଡା ଗ୍ରାଜିଆ ସ୍କୁଟି କୁ ଅଟକାଇ ଯଞ୍ଚ ସମୟରେ ୧୦ କିଲୋଗ୍ରାମ ଗଞ୍ଜେଇ ସହ ବୁଗୁଡ଼ାର ତ୍ରିନାଥ ପ୍ରଧାନ(୪୫ )କୁ ଗିରଫ କରି ଅବକାରୀ ଥାନା କେସ ନମ୍ବର ୧୬୧/୨୫ ରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ଉକ୍ତ ଗଞ୍ଜେଇ କନ୍ଧମାଳରୁ ବୁଗୁଡ଼ା ଯାଉଥିବା ନେଇ ସୂଚନା ରହିଛି। ମୋଟ ୨୫ କିଲୋଗ୍ରାମ ଗଞ୍ଜେଇ ଏବଂ ଦୁଇଟି ସ୍କୁଟି ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଉଭୟଙ୍କୁ କୋର୍ଟରେ ହାଜର କରାଯାଇଛି।

## ଜାମିନ ନପାଇ ଜେଲ ଗଲେ ବାଇକ ଲୁଟେରା

କାକଟପୁର(ମହାଭାରତ): କାକଟପୁର ପୋଲିସ ହାତରେ ଲାଗିଲା ଆଉ ଜଣେ ବାଇକ ଲୁଟେରା, ସୂଚନା ମୁତାବକ କାକଟପୁର ବ୍ଲକ ଦହିଖିଆ ଗ୍ରାମ ର ସ୍ୱର୍ଗତ ଧୂଳ ପରିଡା ଙ୍କ ପୁଅ ଚନ୍ଦ୍ରଶେଖର ପରିଡା ୧୫ ତାରିଖ ସୋମବାର କାକଟପୁର ଥାନା ରେ ବାଇକ ଚୋରୀ କୁ ନେଇ ଏକ ଲିଖିତ ଅଭିଯୋଗ ବା ଏତଲା କରିଥିଲେ। ଏତଲା ମୁତାବକ କେହି ଜଣେ ଅଜଣା ବ୍ୟକ୍ତି ଗତକାଲି ବା ୧୪ ତାରିଖ ମଧ୍ୟ ରାତ୍ର ରେ ତାଙ୍କ ଘର କବାଟ ଭାଙ୍ଗି ତାଙ୍କର ଏକ ନାଲି ରଙ୍ଗ ର ହିରୋ ସ୍ପ୍ଲେଣ୍ଡର ପ୍ଲସ ଯାହାର ନମ୍ବର ଓଡି ୧୩ଏ ୬୫୧୧ ଏହାକୁ ଚୋରୀ କରି ନେଇଯାଇଛ।ଏହି ଏତଲା କୁ ୨୭୪/୨୫ ରେ ମାମଲା ରୁଜୁ କରି କାକଟପୁର ପୋଲିସ ଘଟଣା କୁ ଗୁରୁତ୍ୱ ଦେବା ସହ ତଦନ୍ତ କରୁଥିବା ସମୟ ରେ ଏହି ନମ୍ବର ର ବାଇକ କୁ ଜଣେ ଅଜଣା ବ୍ୟକ୍ତି ଙ୍କ ନିକଟରେ ଦେଖିବାକୁ ପାଇ ତାକୁ କାବୁ କରିଛି। ଏହି ଅଜଣା ଯୁବକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଗଡମାଣତ୍ରୀ ଗ୍ରାମ ର ସ୍ୱର୍ଗତ ମଧୁ ଛୁଆଳ ସିଂ ଙ୍କ ୪୬ ବର୍ଷୀୟ ପୁଅ ଗଗନ ବିହାରି ଛୁଆଳ ସିଂ, ଏହାପରେ ଯୁବକ ର ଡାକ୍ତରୀ ପରୀକ୍ଷା କରାଯାଇ ତାକୁ କୋର୍ଟ ରେ ହାଜର କରାଗଲା, ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉକ୍ତ ମୁଦାଲା କୁ ଜେଲ କୁ ପଠାଇ ଦିଆଯାଇଛି।ଯାହାକୁ ନେଇ କାକଟପୁର ଥାନା ଆଇଆଇସି ବସନ୍ତ ସାହୁ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି। କାକଟପୁର ପୋଲିସ ର ଏହି କାର୍ଯ୍ୟକ୍ରମ କୁ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରାଯାଇଛ।

## ମାରଗୁଡା ଠାରେ ସଂଯୋଗ ଚାରି ଟେବୁଲ ଷ୍ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟଘାଟ



ଲାଞ୍ଜିଗଡ଼,(ମହାଭାରତ): ପଶ୍ଚିମ ଓଡ଼ିଶାର କୃଷିଭିତିକ ଗଣପର୍ବ ନୂଆଁଖାଇ ଧୁମ୍ ଧାମରେ ପାଳନ କରୁଥିବା ବେଳେ ଆଉ କିଛି ଦିନ ପରେ ଆରମ୍ଭ ହୋଇଯାଏ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ। ସାନରୁ ବଡ ସମସ୍ତେ ସାମିଲ ହୋଇ ନିଜ ମାଟିର ପରମ୍ପରା ଓ ସଂସ୍କୃତିକୁ ନେଇ ନୂଆଁଖାଇ ଭେଟଘାଟରେ ପୁଣି ଆରମ୍ଭ ହୁଏ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଅବସରରେ ରବିବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ କୁମାର ଗୁଡା ଗାଁରେ ସଂଯୋଗ ଚାରି ଟେବୁଲ ଷ୍ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟଘାଟ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଯୋଗ ଚାରିଟେବୁଲ ଷ୍ଟ୍ରଷ୍ଟ ଅଧକ୍ଷ ଆମର ଲାଲସି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସନାତନଧର୍ମ ହରିନାମ ପ୍ରଚାର ପ୍ରସାର କମିଟି ରାଜ୍ୟ ସଭାପତି ଜିତେନ୍ଦ୍ର କୁମାର ତ୍ରିପାଠୀ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଚି□ରଞ୍ଜନ ନନ୍ଦ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବେନଗାଁ ସରପଞ୍ଚ ପୁରାଣା ମାଝୀ,ରୁଦ୍ର ପ୍ରସାଦ ସାହୁ, ଜଗଦିଶ ରାଣା,କୁମୁଦକାନ୍ତ ମାଝୀ, ଧର୍ମାନନ୍ଦ ଭାଟି,ସୁଧାଂଶୁ ଗହୀର, ନରେନ୍ଦ୍ର ବେହେରା,ରାମତୁ ମାଝୀ, ଶିବରାମ ନାଏକ,ରାମଚନ୍ଦ୍ର ମୁଣ୍ଡଛିନା ସାମ୍ବାଦିକ ତୁଳସୀରାମ ପ୍ରଧାନୀ, ଦିଲ୍ଲୀପ ନାଏକ, ସୁଶାନ୍ତ ମାଝୀ, ସାଗର ବେନାଲ, ମନୋଜ ଦୋରା,ଦେବାନନ୍ଦ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ନୂଆଁଖାଇ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ କୃତି ପ୍ରତିଭାକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ରମେଶ ନାଏକ ପରିଚାଳନା କରିଥିବା ବେଳେ ଏଥିରେ ବୁାରଜା ଯୁବକ ସଂଘର ସଦସ୍ୟ ଈଶ୍ୱର ବାଗ, ହରିଶ ସାହୁ, ଗିରଧାରୀ ଲାଲସି, ପିଣ୍ଟୁ ଲାଲସି, ସୁଦାମା ନାଏକ, ରାଜେଶ ନାଏକ ସମେତ ବୁଢ଼ାରଜା ଯୁଥ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଶିମିଳିପାଳ ଅଭୟାରଣ୍ୟ ରେ ଶିକାରୀ କୁ ଧରାଇଲା ଏଆଇ କ୍ୟାମେରା

କରଞ୍ଜିଆ,(ମହାଭାରତ) ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଶିକାର କରିବାକୁ ଯାଇ ଥିବା ଶିକାରୀ ର ଫୋଟ ଲାଗିଥିବା କ୍ୟାମେରା ରେ ଆସିବା ପରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ବିଭାଗ ଶିକାରୀ କୁ ଚିହ୍ନଟ କରି ସୋମବାର ଦିନ ତାଙ୍କୁ ତାଙ୍କ ଘରୁ ଗିରଫ କରିଛି ।ବନ୍ୟ ପ୍ରାଣୀ ବିଭାଗ ଦ୍ୱାରା ଗିରଫ ହୋଇ ଥିବା ଶିକାରୀ ଜଣକ ହେଉଛନ୍ତି ଠାକୁରମୁଣ୍ଡା ବ୍ଲକ କେଶଡ଼ିହା ଗ୍ରାମର କୁଞ୍ଜ ସୟ । ସୂଚନା ଅନୁଯାୟୀ ଶିମିଳିପାଳ ଅଭୟାରଣ୍ୟ ର କମ୍ପାର୍ଟମେଂଟ ନମ୍ବର ୧୨ କୁ ବନ୍ୟଜନ୍ତୁ ଶିକାର କରିବାକୁ କୁଞ୍ଜ ଧନୁ ତୀର ଧରି ବୁଲୁଥିବା ବେଳେ ଲାଗିଥିବା କ୍ୟାମେରା ରେ ତାଙ୍କ ଫୋଟୋ ଆସିଥିଲା। ପରେ ବନ୍ୟ ପ୍ରାଣୀ ବିଭାଗ ଶିକାରୀ କୁ ଚିହ୍ନଟ କରିଥିଲେ ।ବନ୍ୟ ପ୍ରାଣୀ ରେଞ୍ଜ ଅଧିକାରୀ ଦୁର୍ଗା ଚରଣ ବାସ୍କେ ଙ୍କ ନେତୃତ୍ୱରେ କର୍ମଚାରୀ ମାନେ ସୋମବାର ସକାଳ ସମୟରେ ଗିରଫ ହୋଇଥିବା କୁଞ୍ଜ ସୟଙ୍କ ଘରେ ଚଢାଉ କରିଥିଲେ। ଚଢ଼ାଉ ସମୟରେ ତାଙ୍କ ଘର ଭିତରୁ ତିନିଟି ସମ୍ବର ସିଙ୍ଗ,କୁଟୁଳାଖାଇ ପକ୍ଷୀର ଅଣ୍ଡା,ଧନୁତୀର ସାଙ୍ଗକୁ କିଛି ଫାସ ଜବତ କରିଥିଲେ ।ପରେ ତାଙ୍କୁ ଗିରଫ କରି ଅଧିକ ତଦନ୍ତ ପାଇଁ ବାରିପଦା ବନ୍ୟପ୍ରାଣୀ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କୁ ନେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ତେବେ ସେ କେଉଁଠି କେବେ କି କି ଶିକାର କରିଛନ୍ତି ତାହା ଅଧିକ ତଦନ୍ତ ପରେହିଁ ଜଣା ପଡ଼ିବ ବୋଲି ବିଭାଗ କହିଛି।

## ୧୦ କେଜି ଗଞ୍ଜେଇ ସହିତ ଜଣେ ଗିରଫ



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଅଞ୍ଚଳରେ ଦିନକୁ ଦିନ ଗଞ୍ଜେଇ ଚାଲାଣ ବୃଦ୍ଧି ପାଉଥିବା ବେଳେ ହିନ୍ଦୋଳ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ମାଫିଆ ମାନଙ୍କୁ ଧରିବା ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଥିଲା। ତେବେ ଗତକାଲି ସନ୍ଧ୍ୟାରେ ହିନ୍ଦୋଳ କଂସରା ରୁ କର୍ଣ୍ଣପୂର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ହିନ୍ଦୋଳ ପୋଲିସର ଏକ ଟିମ୍ ବାଟରେ ଛକି ବସିଥିଲା ।ପରେ ଡିହସାହି- କନ୍ତାମିଲା ଆର୍ ଡି ରାସ୍ତାରୁ ଏକ ହୋଣ୍ଡା ସାଇନ୍ ଗାଡିରୁ ୧୦ କେଜି ୧୪୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଗାଡ଼ିକୁ ଜବତ କରିବା ସହ ଗଞ୍ଜେଇ ଚାଲାଣ କରୁଥିବା ଲୋକକୁ ଗିରଫ କରିଛି ।ଜବତ ଗଞ୍ଜେଇର ମୂଲ୍ୟ ପାଖାପାଖି ଏକଲକ୍ଷ ଟଙ୍କା ହେବବୋଲି ପୋଲିସ୍ ସୂଚନା ଦେଇଛ ।ଗିରଫ ଅଭିଯୁକ୍ତ କର୍ଣ୍ଣପୂର ଗାଁର ପ୍ରଦୀପ ସାହୁ ବୋଲି ପୋଲିସ ପ୍ରକାଶ କରିଥିବା ବେଳେ ଅଭିଯୁକ୍ତ ପ୍ରଦିପଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ପୋଲିସ୍ ।ତେବେ ଗଞ୍ଜେଇ କେଉଁଠାରୁ ଆସୁଥିଲା ,କେବେଠାରୁ ଆସୁଥିଲା ଏହାର ମାଷ୍ଟର ମାଇଣ୍ଡ କିଏ ଏସବୁ ତଦନ୍ତ ପରେ ପ୍ରକୃତ ଜଣାପଡ଼ିବ ବୋଲି କହିଛନ୍ତି ହିନ୍ଦୋଳ ଏସ ଡି ପି ଓ ସତ୍ୟ କୁମାର ନନ୍ଦ।

## ବାହାର ଅଞ୍ଚଳର ଗାଡ଼ିରେ ଜିପସମ୍ ପରିବହନକୁ ବିରୋଧ କରି ଗାଡି ଅଟକ

ପାରାଦ୍ୱୀପ:(ମହାଭାରତ): ଗତକାଲି ବିଳମ୍ବିତ ରାତି ସମୟରେ କଳିଙ୍ଗ ଟ୍ରାନ୍ସପୋର୍ଟ ର ଏକ ୧୮ ଚକିଆ ହାଇଓ୍ୱା ଗାଡ଼ି ଓଡି୨୯କ୍ୟୁ୬୭୮୬ ନମ୍ୱର୍ ଗାଡ଼ିରେ ଇଫକୋରୁ ଜିପସମ ବୋଝେଇ କରି କଟକ ଯାଉଥିବା ସମୟରେ ଭୂତମୁଣ୍ଡାଇ ନିକଟରେ ୧୦ ଜଣ ଦୁର୍ବୃତ୍ତ□ ମଟର ସାଇକେଲରେ ଆସି ଗାଡ଼ି ଅଟକାଇ ଟ୍ରକ୍ ସଙ୍ଘର ପରିଚୟ ଦେଇ ଗାଡ଼ି କେଉଁଠାକୁ ଲୋଡ ନେଇ ଯାଉଛି,ପରମିସନ କିଏ ଦେଇଛି ପ୍ରଭୃତି ପଚାରିବା ସହ ଗାଡ଼ିର ଡ୍ରାଇଭର ଛୋଟୁ କୁମାରକୁ ବହୁ ମାଡ ମାରି ଗାଡ଼ିର ଚାବି,ଚାଲାଣ ଓ ୧୦ ହଜାର ଟଙ୍କା ଛଡ଼ାଇ ନେଇ ଯାଇଥିବା ବେଳେ ଗାଡ଼ିର ଡ୍ରାଇଭରକୁ ଆଉ କେବେବି ଲୋଡ ନକରିବା ପାଇଁ ଧମକ ଦେଇ ଯଦି ଲୋଡ କରିବୁ ଯାପରେ ତୋ ଗଳା କାଟିଦେବୁ ବୋଲି ଧମକ ଦେଇ ପାରାଦ୍ୱୀପ ଆଡ଼କୁ ଫେର । ର ହୋଇଯାଇଥିଲେ।ଡ୍ରାଇଭର କହିବା ଅନୁଯାଇ ସେମାନଙ୍କ ମଧ୍ୟରେ ପଙ୍କଜ ନାମ ଶୁଣିବାକୁ ମିଳିଥିଲା । ଖବର ନେବାରୁ ଜଣାପଡ଼ିଛି ଯେ ଇଫକୋ ସାର କାରଖାନାର ବିଷାକ୍ତ ବର୍ଜ୍ୟ ବସ୍ତୁ ଓ ସିମେ□ ତିଆରିର ମୁଖ୍ୟ କଞ୍ଚାମାଲ କ୍ରୟ ବିକ୍ରୟ ଓ ପରିବହନ କରିବାପାଇଁ କମ୍ପାନୀରେ ୬ ଜଣ ଭେଣ୍ଡର ନିଯୁକ୍ତି ହୋଇଛନ୍ତି । ଏମାନଙ୍କ ଦ୍ୱାରା ଦେଶର ଭିନ୍ନ ଭିନ୍ନ ପ୍ରାନ୍ତକୁ ଏହି ଯିପସମ୍ ପରିବହନ କରାଯାଇଥାଏ। ସୂଚନା ଯୋଗ୍ୟ ଯେ,ଦିନକୁ ଯେତିକି ପରିମାଣର ଜିପସମ କାରଖାନାରୁ ବାହାରୁଛି ତାହାର ଅଧା ଜିପସମ ମଧ୍ୟ ବାହାରକୁ ଯାଇପାରୁନଥିବା ବେଳେ ଏହା ଯୋଗୁ ଭୂତଳ ଜଳ,ନଦୀ ଜଳ ପ୍ରଦୂଷିତ ହେବାସହ ଏହି ଗୁଣ୍ଡ ପବନ ଦ୍ୱାରା ବାୟୁ ମଣ୍ଡଳରେ ମିଶି ପ୍ରଦୂଷଣ ବୃଦ୍ଧି କରୁଛି। ଏହାଦ୍ୱାରା ବିଭିନ୍ନ ଶ୍ୱାସ ଜନିତ ରୋଗ ,ଚର୍ମ ରୋଗ,ଆଖି ରୋଗ ପ୍ରଭୃତି ବ୍ୟାପି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଦୁଇ ଦୁଇଟି ସାରକାରଖାନର ଏହି ବିଷାକ୍ତ ବର୍ଜ୍ୟ ପଦାର୍ଥ ପାରାଦ୍ୱୀପ ଅଞ୍ଚଳରୁ ଜଲଦି ପରିବହନ କରି ଅଞ୍ଚଳକୁ ବିପଦ ମୁକ୍ତ କରିବା ପାଇଁ କମ୍ପାନୀ ଓ ପ୍ରଶାସନ ତରଫରୁ ତିନୋଟି ସଙ୍ଘର ଗାଡ଼ି ସହ ରାଜ୍ୟର ବିଭିନ୍ନ ଜିଲ୍ଲାର ଗାଡ଼ିମାନଙ୍କୁ ବୋହିବା ପାଇଁ ପରିବହନ ମଞ୍ଜୁରୀ ଦେଇଥିବାବେଳେ ଗତକାଲିର ଘଟଣାରୁ ପ୍ରମାଣିତ ହୋଇଛି ଯେ,ଏହି ଘଟଣାରେ କୌଣସି ଟ୍ରକ୍ ମାଲିକଙ୍କ ହାତ ରହିଛି ବୋଲି ପରିବହନ କମ୍ପାନୀର ମ୍ୟାନେଜର ରିଜ୍ୱାନ ଖାଁ କହିଛନ୍ତି।

## ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଗଜପତି ଜିଲ୍ଲା ଶାଖା ପକ୍ଷରୁ ସଂସ୍କୃତ ଦିବସ ସମାରୋହ



ପାରଳାଖେମୁଣ୍ଡି (ମହାଭାରତ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଗଜପତି ଜିଲ୍ଲା ଶାଖା ଆନୁକୂଲ୍ୟରେ ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବ ରେ ଜିଲ୍ଲା ସଭାପତି ଶୁଭଲକ୍ଷ୍ମୀ ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ରୂପେ ଡ଼. ଚନ୍ଦ୍ରଶେଖର ତ୍ରିପାଠୀ , ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରମୁଖ ଡ.ବିଘ୍ନେଶ୍ୱର ମିଶ୍ର , ସମ୍ମାନିତ ଅତିଥି ଭାବରେ ପଣ୍ଡିତ କୁମୁଦ ରଞ୍ଜନ ଦାଶ (ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ) , ବିଘ୍ନରାଜ ପଣ୍ଡା ( ପ୍ରାକ୍ତନ ଅଧ୍ୟକ୍ଷ ,ସଂସ୍କୃତ ମହାବିଦ୍ୟାଳୟ) , ବିଶିଷ୍ଟ ଅତିଥି ଭାବରେ ସଙ୍ଗୀତ ନିର୍ଦ୍ଦେଶକ ତଥା ସଦସ୍ୟ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ର ଗୁରୁ ରଘୁନାଥ ପାତ୍ର ଯୋଗଦାନ କରି ସଂସ୍କୃତର ମହତ୍ତ୍ୱ ପ୍ରତିପାଦନ କରିବା ସହ ସଂସ୍କୃତି ସୁରକ୍ଷା ନିମି□ ଏହାର ଗୁରୁତ୍ୱ କୁ ଆଲୋକପାତ କରିଥିଲେ। ସମ୍ପାଦକ ପଣ୍ଡିତ ଶୁଭାଶିଷ ପତି ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ମନୋଜ ପାଢ଼ୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରମେଶ୍ୱର ନାୟକ , ଗୌରୀଶଙ୍କର ମହାରଣା ପରିଚାଳନାରେ ସହଯୋଗ କରିଥିଲେ।

# ନବରଙ୍ଗପୁର ଠାରେ ସ୍ୱଚ୍ଛତା ହିଁ ସେବା ମହୋତ୍ସବ କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରସ୍ତୁତି

ନବରଙ୍ଗପୁର(ମହାଭାରତ): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ମାନ୍ୟବର ସାଂସଦ (ଲୋକସଭା )ବଳଭଦ୍ର ମାଝି ଙ୍କ ଅଧକ୍ଷତାରେ ଆସନ୍ତା ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର( ଗାନ୍ଧୀ ଜୟନ୍ତୀ)ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛୋତ୍ସବ ( ସେବା ପକ୍ଷ) ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଏବଂ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ଦେଶରେ ପରବର୍ତୀ ପିଢ଼ିକୁ ଏକ ସ୍ୱଚ୍ଛ,ସବୁଜ ଓ ସୁସ୍ଥ ଭବିଷ୍ୟତ ଦେବା ପାଇଁ ଏହି କାର୍ଯ୍ୟକ୍ରମକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ସମସ୍ତ ପଞ୍ଚାୟତ, ବ୍ଲକ, ସରକାରୀ




କାର୍ଯ୍ୟାଳୟ,ହାଟ, ଡାକ୍ତରଖାନା, ବ୍ୟାଙ୍କ,ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସମସ୍ତ ଜନ ଗହଳି ପୂର୍ଣ୍ଣ ଅଞ୍ଚଳରେ ସମସ୍ତଙ୍କୁ ସାମିଲ କରି ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯିବ।ଏହି ଅବସରରେ ସ୍କୁଲ୍ କଲେଜ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପେ□ ପ୍ରତିଯୋଗିତା, କୃଷି,କଳା,ଉଦ୍ୟୋଗୀ ଇତ୍ୟାଦି କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯିବା ପାଇଁ ସାଂସଦ ବୈଠକ ରେ କହିଥିଲେ। ଅକ୍ଟୋବର ୩ ତାରିଖ ରେ ଦୁର୍ଗା ପୂଜା ସଫେଇ ଅଭିଯାନ, ଏକକ ଉପଯୋଗ ପ୍ଲାଷ୍ଟିକ ମୁକ୍ତ ବଜାର,ସେପ୍ଟେମ୍ବର ୨୫ ତାରିଖ ରେ ଏକ ଦିନ,ଏକ ଘଣ୍ଟା,ଏକ ସାଥ କାର୍ଯ୍ୟକ୍ରମରେ ସମସ୍ତ ଜନ ସାଧାରଣ ସାମିଲ ହେବା,ସେପ୍ଟେମ୍ବର ୨୭ ତାରିଖ ରେ ପର୍ଯ୍ୟଟନ ସ୍ଥଳ ରେ ସ୍ୱଚ୍ଛତା ଓ ସଫେଇ କୁ ଗୁରୁତ୍ୱ, ପ୍ରତ୍ୟେକ ଗାଁ,ପ୍ରତ୍ୟେକେ ପଞ୍ଚାୟତ,ପ୍ରତ୍ୟେକ ବ୍ଲକରେ ମହିଳା ଗୋଷ୍ଠୀ,ସ୍ୱଚ୍ଛ ସାଥୀ, ଜନ ପ୍ରତିନିଧି,ଜନ ସାଧାରଣ ସାମିଲ ହେବା, ଖୋଲା ମଳତ୍ୟାଗ ମୁକ୍ତ ଗାଁ ଘୋଷଣା,ସଫାଇ ମିତ୍ର ଶିବିର, ଉପରେ ବିଶେଷ ଆଲୋଚନା ହୋଇଥିଲା ।ଜିଲ୍ଲାପାଳ ବି ଡି ଓ ମାନଙ୍କୁ ନିଜ ବ୍ଲକ୍ ରେ ସଫେଇ ଓ ପରିମଳ ଅଭିଯାନ କୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକ ରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ,ପୌରପାଳିକା ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ।ଶେଷରେ ଜିଲ୍ଲାପାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଦିଲ୍ଲୀରେ କାର୍ ଦୁର୍ଘଟଣାରେ ଅର୍ଥ ବିଭାଗର ଉପସଚିବଙ୍କ ମୃତ୍ୟୁ




ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ କାର୍ ଦୁର୍ଘଟଣାରେ ଅର୍ଥ ବିଭାଗର ଉପସଚିବଙ୍କ ମୃତ୍ୟୁ ହୋଇଛି । ଘଟଣାରେ ତାଙ୍କ ପତ୍ନୀ ଗୁରୁତର ରହିଛନ୍ତି । ଏମାନେ ବାଇକ୍ ଯୋଗୁଁ ବଙ୍ଗଲା ସାହିବ ଗୁରୁଦ୍ୱାରାରୁ ଘରକୁ ଫେରୁଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରୁଛି । ସୂଚନା ମୁତାବକ, ଦିଲ୍ଲୀ କ୍ୟାଣ୍ଟ ମେଟ୍ରୋ ଷ୍ଟେସନ ନିକଟ ରିଙ୍ଗ ରୋଡରେ ଏହି ଦୁର୍ଘଟଣା ଘଟିଛି । ଅର୍ଥ ବିଭାଗର ଉପସଚିବ ଏବଂ ତାଙ୍କ ପତ୍ନୀ ବାଇକ୍ ଯୋଗୁଁ ବଙ୍ଗଲା ସାହିବ ଗୁରୁଦ୍ୱାରାରୁ ଘରକୁ ଫେରୁଥିଲେ । ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି । ଘଟଣାରେ ତାଙ୍କ ପତ୍ନୀ ଗୁରୁତର ରହିଛନ୍ତି । ଦୁର୍ଘଟଣା ପରେ ଲମ୍ବା ଟ୍ରାଫିକ ଜାମ ହୋଇଥିଲା । ପୋଲିସକୁ ଏ ବିଷୟରେ ଚଉଜ କଲ୍ ମିଳିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଜାରି ରଖିଛି । ରାସ୍ତା ମଝିରେ ଏକ କାର୍ ଓଲଟି ପଡ଼ିଥିଲା । ଏହାସହ ଡିଭାଇଡର ପାଖରେ ବାଇକ୍ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, କାର ଚଳାଉଥିବା ମହିଳାଙ୍କ କାର୍ ବାଇକ୍‌କୁ ଧକ୍କା ଦେଇଥିଲେ । ଦୁର୍ଘଟଣା ପରେ, ମହିଳା ଓ ତାଙ୍କ ସ୍ୱାମୀ ଏକ ଟ୍ୟାକ୍ସି ନେଇ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଯାଇଥିଲେ । ଦୁର୍ଘଟଣାରେ ଅର୍ଥମନ୍ତ୍ରୀ ସଚିବଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । କାର୍ ଚଳାଉଥିବା ମହିଳା ଓ ତାଙ୍କ ସ୍ୱାମୀ ମଧ୍ୟ ଦୁର୍ଘଟଣାରେ ଆହତ ହୋଇଛନ୍ତି । ବର୍ତ୍ତମାନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ପୋଲିସ କାର ଓ ବାଇକ୍‌କୁ ହେପାଜତକୁ ନେଇଛି । ତଦନ୍ତ ପାଇଁ କ୍ରାଇମ୍ ଟିମ୍ ଏବଂ ଋଝଖ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୋଲିସ ଯାଞ୍ଚ ଆରମ୍ଭ କରିଛି । ସେପଟେ ଅର୍ଥ ଉପସଚିବଙ୍କ ପୁଅ କହିଛନ୍ତି ଯେ, ଦୁର୍ଘଟଣା ପରେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେବା ପରିବର୍ତ୍ତେ ୧୭ କିଲୋମିଟର ଦୂରରେ ଥିବା ଜିଟିବି ନଗରର ନ୍ୟୁ ଲାଇଫ୍ ହସ୍ପିଟାଲକୁ ନିଆଯାଇଥିଲା । ହସ୍ପିଟାଲରେ ପହଞ୍ଚିବା ପରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ତାଙ୍କ ପତ୍ନୀଙ୍କ ଅବସ୍ଥା ଗୁରୁତର ରହିଛି, ତାଙ୍କ ଚିକିତ୍ସା ଚାଲିଛି । ମୃତକ ଜଣକ ଅର୍ଥ ମନ୍ତ୍ରଣାଳୟର ନର୍ଥ ବ୍ଲକରେ ଉପ ସଚିବ ଭାବେ କାମ କରୁଥିଲେ ।

## ଟ୍ରେଲର ସହିତ ଧକ୍କା ହେଲା ବସ୍, ୪ ମୃତ

ଜୋନପୁର : ୟୁପି ଜୋନପୁରରେ ବଡ଼ ଦୁର୍ଘଟଣା ଘଟିଛି । ଘଟଣାରେ ଅଯୋଧ୍ୟାରୁ ବାରଣାସୀ ଯାଉଥିବା ଏକ ବିଳାସପୂର୍ଣ୍ଣ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ଜୋନପୁର ଲାଇନବଜାର ଥାନା ଅଞ୍ଚଳରେ ସିହିପୁର କ୍ରସିଂ ନିକଟରେ ହୋଇଛି । ଖବର ମୁତାବକ, ଅଯୋଧ୍ୟାରୁ ବାରଣାସୀ ଯାଉଥିବା ଏକ ବିଳାସପୂର୍ଣ୍ଣ ବସ୍ ନମ୍ବର ଉଏ ୦୭ ଉଞ୍ଚ ୪୭୮୧ ଏକ ଟ୍ରେଲର ଓଭରଟେକ କରିବାକୁ ଚେଷ୍ଟା କରୁଥିଲା । ଏହି ସମୟରେ ବସରେ ଡାହାଣ ଭାଗ ଟ୍ରେଲର ସହିତ ଧକ୍କା ହୋଇଥିଲା । ଫଳରେ ବସଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ବସରେ ମୋଟ ୫୦ ଜଣ ଯାତ୍ରୀ ରହିଥିଲେ । ଏଥିରେ ଅଧିକାଂଶ ଛତିଶଗଡର ରହିଥିଲେ । ଛତିଶଗଡରୁ ଧାର୍ମିକ ସ୍ଥଳକୁ ଯାଉଥିଲେ । ବସରେ ଥିବା ଯାତ୍ରୀ ବାରଣାସୀକୁ ଦର୍ଶନ କରିବାକୁ ଯାଇଥିଲେ । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଯାଇଥିଲା । ଜୋନରପୁର ପୋଲିସ ଅଧୀକ୍ଷକ ଡ.କୌସ୍ତୁଭ କହିଛନ୍ତି, ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସମସ୍ତ ଆହତଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଛି । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି ।

# ୱାକଫ ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ, ପୁରା ଆଇନ ଉପରେ ରୋକ ଲଗାଇବାକୁ ମନା କଲେ କୋର୍ଟ



ନୂଆଦିଲ୍ଲୀ : ୱାକଫ ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ପୂରା ଆଇନ ଉପରେ ରୋକ୍ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ । ଆଇନ ବଳବତ୍ତର ରହିବ । ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରାବଧାନ ଉପରେ କଟକଣା ଲଗାଇଛନ୍ତି କୋର୍ଟ । ସର୍ବୋଚ୍ଚ ଅଦାଲତ ଆଇନର ୨ଟି ଧାରା ଉପରେ ସ୍ଥଗିତ ରଖିଛନ୍ତି । ୫ ବର୍ଷର ଆବଶ୍ୟକତାର ବ୍ୟବସ୍ଥାକୁ ନିଷିଦ୍ଧ କରିଛନ୍ତି । ଧାରା ୩୭୪କୁ ନିଷିଦ୍ଧ କରାଯାଇଛି । ରାଜସ୍ୱ ରେକର୍ଡ ସହିତ ଜଡିତ ଧାରା ନିଷିଦ୍ଧ କରାଯାଇଛି । ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇ ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ମସିହଙ୍କ ଦୁଇ ଜଣିଆ ଖଣ୍ଡପୀଠ ଅନ୍ତରୀଣ ଆଦେଶ ଦେଇଛନ୍ତି । ଏହି ମାମଲାରେ ସମଗ୍ର ଆଇନକୁ ସ୍ଥଗିତ ରଖିବାକୁ କୌଣସି ଯୁକ୍ତି ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ଟ୍ରିବୁନାଲ ବିଚାରାଧୀନ ଥିବା ବିବାଦର ସମାଧାନ କରିପାରିବେନି ଜିଲ୍ଲାପାଳ । କେବଳ ଟ୍ରିବ୍ୟୁନାଲ ନିଷ୍ପତ୍ତି ନେବେ । ବିବାଦୀୟ ନଥିବା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ ରହିବାକୁ ଅନୁମତି ଦେଇଛନ୍ତି ଖଣ୍ଡପୀଠ । କାର୍ଯ୍ୟନିର୍ବାହୀ କୌଣସି ବ୍ୟକ୍ତିଙ୍କ ଅଧିକାର ନିର୍ଣ୍ଣୟ କରିପାରିବେ ନାହିଁ । ଯେପର୍ଯ୍ୟନ୍ତ ନିଯୁକ୍ତ ଅଧିକାରୀଙ୍କ ତଦନ୍ତ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ଏବଂ ଯେପର୍ଯ୍ୟନ୍ତ ୱାକଫ ଟ୍ରିବ୍ୟୁନାଲ ଓ ହାଇକୋର୍ଟ ଦ୍ୱାରା ୱାକଫ ସମ୍ପତ୍ତିର ମାଲିକାନା ଉପରେ ନିଷ୍ପତ୍ତି ନିଆଯାଇନାହିଁ, ସେ ପର୍ଯ୍ୟନ୍ତ ୱାକଫକୁ ଏହାର ସମ୍ପତ୍ତିରୁ ବେଦଖଲ କରାଯାଇପାରିବ ନାହିଁ । ତେବେ ୱାକଫ ହେଉଛି, ସେହି ସମ୍ପତ୍ତି ଯାହା ଇସଲାମିକ ଆଇନ ଅନୁଯାୟୀ ଧାର୍ମିକ କିମ୍ବା ଦାନ ଉଦ୍ଦେଶ୍ୟରେ ଦିଆଯାଏ । ଥରେ କୌଣସି ସମ୍ପତ୍ତି ୱାକଫ ହୋଇଗଲେ, ଏହାକୁ ବିକ୍ରି କରାଯାଇପାରିବ ନାହିଁ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ।

## ଆସନକୁ ନେଇ ବିହାର ମହାଗଠବନ୍ଧନରେ ଅଚଳାବସ୍ଥା

ବିହାର : ବିହାର ବିଧାନସଭା ନିର୍ବାଚନ ପାଇଁ ମହାଗଠବନ୍ଧନ ଅନ୍ତର୍ଗତ ଦଳମାନଙ୍କ ମଧ୍ୟରେ ଆସନ ବୁଝାମଣାରେ ଅଚଳାବସ୍ଥା ଦେଖାଦେଇଛି । ମେଣ୍ଟ ଅନ୍ତର୍ଭୁକ୍ତ ସବୁଦଳ ଅଧିକ ଆସନ ଲଢ଼ିବାକୁ ଜିଦ ଯୋଗୁଁ ଆରଜେଡି ସବୁ ଆସନରେ ଲଢ଼ିବ ବୋଲି ଦଳର ନେତା ତେଜସ୍ୱୀ ଯାଦବ ଘୋଷଣା କରିଛନ୍ତି । ବିହାରର ସମସ୍ତ ୨୪୩ ବିଧାନସଭା ଆସନ ଲଢ଼ିବାକୁ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ଘୋଷଣା ପଛର କାରଣ କ'ଣ ହୋଇପାରେ ? ଆଗାମୀ ନଭେମ୍ବରରେ ନିର୍ବାଚନ ହେବ । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରା ସମାପ୍ତ ପରେ ଆସନ ବୁଝାମଣା ଘୋଷଣା କରିବାକୁ ତେଜସ୍ୱୀ ସବୁ ମେଣ୍ଟ ସାଥୀଙ୍କ ସହଯୋଗ ଲୋଡ଼ିଥିଲେ । ମାତ୍ର କଂଗ୍ରେସ ସମେତ ସିପିଆଇଏମ୍ଏଲ୍ ଦଳଗୁଡିକ ଅଧିକ ଆସନ ଲଢ଼ିବାକୁ ଜିଦରେ ଅଟଳ ଅଛନ୍ତି । ଏପରିସ୍ଥଳେ ସବୁ ଆସନ ଲଢ଼ିବାକୁ ତେଜସ୍ୱୀଙ୍କ ଘୋଷଣା ମେଣ୍ଟର ଅନ୍ୟ ସାଥୀଙ୍କ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ହୋଇ ଥାଇପାରେ ।

## ପୁଣି ଅଧାରାସ୍ତାରେ ଝୁଲିଲା ମନୋରେଲ୍, ଯାତ୍ରୀ ଭୟଭୀତ



ମୁମ୍ବାଇ : ମହାରାଷ୍ଟ୍ରରେ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି । ରବିବାର ରାତିରେ ପ୍ରବଳ ବର୍ଷା ହୋଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ପାଣି ଜମିଛି । ଏହାରି ମଧ୍ୟରେ ମୁମ୍ବାଇର ୱଡାଲା ଅଞ୍ଚଳରେ ଏକ ମନୋରେଲ ଠପ୍ ହୋଇଛି । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମନୋରେଲ ଅଧାରାସ୍ତାରେ ଠପ୍ ହୋଇଯାଇଛି । ଏହି ଘଟଣା ପରେ ଯାତ୍ରୀ ଭୟଭୀତ ହୋଇପଡିଛନ୍ତି । ଘଟଣା ପରେ ଦମକଳ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର ଜାରି ରଖିଛି । ଯେଉଁ ଯାତ୍ରୀ ମନୋରେଲରେ ଫସିଥିଲେ, ସେମାନଙ୍କୁ ବାହାର କରାଯାଇ ଅନ୍ୟ ଏକ ମନୋରେଲରେ ବସାଯାଇଛି । ମନୋରେଲ କର୍ପୋରେସନରେ ସପ୍ଲାଇରେ ତ୍ରୁଟି ଆସିଥିବା ଜଣାପଡିଥିଲା । ଯାହାପରେ ଯାଞ୍ଚ କରାଯାଉଛି । ଏମଏମଆରଡିଏର ଜନସଂପର୍କ ଅଧିକାରୀ କହିଛନ୍ତି, ୱଡାଲାରେ ମନୋରେଲ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫସିବା ଯୋଗୁଁ ୧୭ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏମାନଙ୍କୁ ଆଉ ଏକ ମନୋରେଲରେ ବସାଯାଇ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି । ଯାତ୍ରୀମାନଙ୍କୁ ସକାଳ ୭.୪୫ରୁ ସୁରକ୍ଷିତ ଭାବେ କଢାଯାଇଥିଲା । ସୂଚନାଯୋଗ୍ୟ, ପ୍ରବଳ ବର୍ଷା ମଧ୍ୟରେ ମୁମ୍ବାଇରେ ଏକ ମନୋ ରେଲ୍ ଟ୍ରେନ୍ ଫସି ଯାଇଥିଲା । ଏଥିଯୋଗୁଁ ପ୍ରାୟ ୮ ଶହ ଯାତ୍ରୀ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଫସି ରହିଥିଲେ । ମନୋରେଲ୍ ଏକ ଉଚ୍ଚ ଟ୍ରାକରେ ଯାତ୍ରା କରୁଥିବା ବେଳେ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବାରୁ ଏହା ହଠାତ ଠପ୍ ହୋଇଯାଇଥିଲା । ମୁମ୍ବାଇ ମେଟ୍ରୋପଲିଟାନ୍ ରିଜିଅନ୍ ଡେଭେଲପ୍ମେଣ୍ଟ ଅଥରିଟି) କହିଥିଲେ, ଟ୍ରେନ୍ଟି ସନ୍ଧ୍ୟା ପ୍ରାୟ ୬.୧୫ ସମୟରେ ଚେମ୍ବୁରରୁ ଭକ୍ତି ପାର୍କ ମଧ୍ୟରେ ଫସିଯାଇଥିଲା । ଟ୍ରେନରେ ଏସି ବନ୍ଦ ହୋଇଯିବାରୁ ସେମାନେ ଅଣନିଶ୍ୱାସୀ ହୋଇଯାଇଥିଲେ । ଯାତ୍ରୀମାନେ ମଧ୍ୟ ଝରକା କାଚ ଡେଇଁ ବାହାରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା ।

## ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ଖୁବଶୀଘ୍ର ମିଳିବ ଖୁସିଖବର

ନୂଆଦିଲ୍ଲୀ : ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କରେ ଉତ୍ଥାନ-ପତନ ପରେ ବାଣିଜ୍ୟ ଆଲୋଚନା ଥଣ୍ଡା ହେବା ପରି ମନେ ହେଉଥିଲା । କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା ଏବଂ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦିଆଯାଇଥିବା ସକାରାତ୍ମକ ପ୍ରତିକ୍ରିୟା ପରେ, ଏବେ ସମ୍ପର୍କରେ ପୁଣି ଥରେ ଉନ୍ନତି ହେଉଥିବା ପରି ମନେ ହେଉଛି । ସୋସିଆଲ ମିଡିଆ ମାଧ୍ୟମରେ ଉଭୟ ନେତାଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ପରେ, ଏବେ ବାଣିଜ୍ୟ ଆଲୋଚନା ମଧ୍ୟ ଗତିଶୀଳ ହେଉଥିବା ଦେଖାଯାଉଛି । ସୂତ୍ର ଅନୁଯାୟୀ, ଆମେରିକାର ବାଣିଜ୍ୟ ଚୁକ୍ତି ଆଲୋଚନାକାରୀଙ୍କ ଦଳ ସୋମବାର (ସେପ୍ଟେମ୍ବର ୧୫, ୨୦୨୫) ରେ ଭାରତ ପହଞ୍ଚିବ ଏବଂ ଆସନ୍ତାକାଲି (ମଙ୍ଗଳବାର, ସେପ୍ଟେମ୍ବର ୧୬, ୨୦୨୫) ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ଅନୁଷ୍ଠିତ ହେବ । ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଆମେରିକା ସହିତ ଭାରତର ବାଣିଜ୍ୟ ଆଲୋଚନା ଏବେ ଏକ ସକାରାତ୍ମକ ମାନସିକତା ସହିତ ଆଗକୁ ବଢୁଛି । ଦୁଇ ଦେଶ ମଧ୍ୟରେ ଅନେକ ସ୍ତରରେ କୂଟନୈତିକ ଏବଂ ମୁଖ୍ୟ ଆଲୋଚନା ଚାଲିଛି । ନିର୍ଭରଯୋଗ୍ୟ ସୂତ୍ର ଅନୁଯାୟୀ, ସୋମବାର (ସେପ୍ଟେମ୍ବର ୧୫) ରେ ଆମେରିକାର ଏକ ଦଳ ବାଣିଜ୍ୟ ଆଲୋଚନା ଉପରେ ଆଲୋଚନା କରିବା ପାଇଁ ଆଜି ବିଳମ୍ବିତ ରାତିରେ ଭାରତ ଆସୁଛନ୍ତି ଏବଂ ତା'ପରେ ଆସନ୍ତାକାଲି ମଙ୍ଗଳବାର ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ଅନୁଷ୍ଠିତ ହେବ । ଏହି ଆଲୋଚନା ସମୟରେ, ଭାରତ ଆମେରିକୀୟ ଦଳ ସହିତ ସମସ୍ତ ବିଚାରାଧୀନ ପ୍ରସଙ୍ଗ ଉପରେ ଆଲୋଚନା କରିବ । ଏହି ସମୟରେ, ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ଏଥିରେ ସାମିଲ ଅଛି କାରଣ କିଛି ପ୍ରସଙ୍ଗ କୂଟନୈତିକ କ୍ଷେତ୍ରରେ ରହିଛି । ଭାରତ ବର୍ତ୍ତମାନ ଆମେରିକା ଏବଂ ୟୁରୋପୀୟ ସଂଘ ସହିତ ତୀବ୍ର ଆଲୋଚନା କରୁଛି । ଇଣ୍ଡୋ-ପାସିଫିକ ଇକୋନୋମିକ ଫ୍ରେମୱାର୍କ ଫର ପ୍ରୋସପେରିଟି (ଓଚରର) ରେ ଅନେକ ସ୍ତରରେ ଆର୍ଥିକ ସହଯୋଗ ଏବଂ ଉତ୍ପାଦଗୁଡ଼ିକର ବିଶ୍ଳେଷଣ କରାଯିବ । ଏହା ବ୍ୟତୀତ, ଆମେରିକା ସହିତ ଆଲୋଚନା ମଧ୍ୟରେ, ଭାରତ ସରକାର କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ରପ୍ତାନି ପ୍ରୋତ୍ସାହନ ମିଶନ ଅଧୀନରେ ସମସ୍ତ ପ୍ରୟାସ କରୁଛି । ଏହା କେନ୍ଦ୍ରୀୟ ବଜେଟ ୨୦୨୫-୨୬ରେ ଘୋଷଣା କରାଯାଇଥିଲା । ଏହା ଅଧୀନରେ, ଆଗାମୀ ଛଅ ବର୍ଷ ମଧ୍ୟରେ ରପ୍ତାନିକୁ ପ୍ରୋତ୍ସାହନ ଦେବା ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଏକ ଲକ୍ଷ୍ୟ ରଖାଯାଇଛି ।



# ସୁଶୀଳା କାର୍କି ଏହି ୩ ନେତାଙ୍କୁ କ୍ୟାବିନେଟରେ କଲେ ସାମିଲ



ନେପାଳ : ନେପାଳରେ ବିରୋଧ ପ୍ରଦର୍ଶନ ଓ ପ୍ରବଳ ହିଂସା ଏବଂ ପ୍ରଧାନମନ୍ତ୍ରୀ ପଦରୁ କେପି ଶର୍ମା ଓଲିଙ୍କ ଇସ୍ତଫା ପରେ, ଏବେ ଧୀରେ ଧୀରେ ଶାନ୍ତି ଆସୁଛି । ନେପାଳର ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନେପାଳରେ କାମଚଳା ସରକାର ଗଠନ ପରେ, ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ଆଜି ତାଙ୍କ କ୍ୟାବିନେଟରେ ତିନି ଜଣ ମନ୍ତ୍ରୀଙ୍କୁ ସାମିଲ କରିଛନ୍ତି । ସକାଳେ କୁଲମନ ଘିସିଂ, ଓମ ପ୍ରକାଶ ଆର୍ଯ୍ୟଲ ଏବଂ ରାମେଶ୍ୱର ଖାନଲ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ଆସନ୍ତୁ ଜାଣିବା ସେମାନଙ୍କୁ କେଉଁ ମନ୍ତ୍ରଣାଳୟ ଦିଆଯାଇଛି । ଆଜି ନେପାଳର ଅନ୍ତରୀଣ ମନ୍ତ୍ରିମଣ୍ଡଳ ବିସ୍ତାରିତ ହୋଇଥିଲା, ଯେଉଁଥିରେ ୩ ଜଣ ମନ୍ତ୍ରୀ ସାମିଲ ଥିଲେ । ରାଜଧାନୀ କାଠମାଣ୍ଡୁରେ ଥିବା ନେପାଳୀ ରାଷ୍ଟ୍ରପତି ଭବନ 'ଶୀତଳ ନିବାସ'ରେ କୁଲମାନ ଘିସିଂ, ଓମ ପ୍ରକାଶ ଆର୍ଯ୍ୟଲ ଏବଂ ରାମେଶ୍ୱର ଖାନଲ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ । କୁଲମାନ ଘିସିଂଙ୍କୁ ଶକ୍ତି, ନଗର ବିକାଶ ଏବଂ ଭୌତିକ ଭିତ୍ତିଭୂମି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି । ଓମ ପ୍ରକାଶ ଆର୍ଯ୍ୟଲ ଆଇନ ଏବଂ ଗୃହ ମନ୍ତ୍ରଣାଳୟର ଦାୟିତ୍ୱ ନେବେ ଏବଂ ରାମେଶ୍ୱର ଖାନଲ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ନେବେ । ନେପାଳରେ ଚାଲିଥିବା ରାଜନୈତିକ ଅନିଶ୍ଚିତତା ମଧ୍ୟରେ, ଜେନ-ଜେଡ ପ୍ରତିନିଧିମାନେ ସୁଶୀଳା କାର୍କିଙ୍କୁ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ କରିଛନ୍ତି । ରବିବାର ଦିନ, ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ପୁଣି ବଦଳିଲା ଜେନ-ଜିଙ୍କ ସ୍ୱର, ସୁଶୀଳା କାର୍କିଙ୍କୁ ବିରୋଧ



କାଠମାଣ୍ଡୁ : ନେପାଳରେ ଜେନ-ଜିଙ୍କ ବିକ୍ଷୋଭ ପରେ ଧୀରେ ଧୀରେ ଶାନ୍ତି ଫେରୁଛି । ସୁଶୀଳା କାର୍କି ଅନ୍ତରୀମ ପ୍ରଧାନମନ୍ତ୍ରୀ ହେବା ପରେ କିଛି ସ୍ଥାନରୁ କର୍ଫ୍ୟୁ ହଟାଇ ଦିଆଯାଇଛି । କିନ୍ତୁ ସୁଶୀଳା କାର୍କି ଶପଥ ଗ୍ରହଣ କରିବାର ୩ ଦିନ ଭିତରେ ପୁଣି ଜେନ-ଜି ବିରୋଧ କରୁଛନ୍ତି । ନୂଆ ଅନ୍ତରୀଣ ସରକାର ଗଠନ ହେବା ମାତ୍ରେ ଅସନ୍ତୋଷ ଓ ବିଦ୍ରୋହର ସ୍ୱର ଶୁଣାଯାଉଛି । ସରକାରରେ ଯୋଗ ଦେଉଥିବା ନୂତନ ମନ୍ତ୍ରୀମାନଙ୍କୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଅସନ୍ତୋଷ ରହିଛି । ନେପାଳର ଜେନ-ଜି ଆନ୍ଦୋଳନର ମୁଖ୍ୟ ସୁଦାନ ଗୁରୁଙ୍ଗ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ବିରୋଧରେ କଠୋର ଶବ୍ଦ ବ୍ୟବହାର କରି କହିଥିଲେ । ସୁଦାନ ଗୁରୁଙ୍ଗ କହିଛନ୍ତି, ମୁଁ ଯାହାଙ୍କୁ ପ୍ରଧାନମନ୍ତ୍ରୀ ଚୌକିରେ ବସାଇଛି ତାଙ୍କୁ ହଟାଇବା ପାଇଁ ମୋତେ ଅଧିକ ସମୟ ଲାଗିବ ନାହିଁ । ସୁଦାନ ଗୁରୁଙ୍ଗ ଯୁବକମାନଙ୍କୁ ସଂଗଠିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । କିନ୍ତୁ ସୁଦାନ ଗୁରୁଙ୍ଗ ଏବେ ସୁଶୀଳା କାର୍କିଙ୍କ ଉପରେ କ୍ଷୁବ୍ଧ ଥିବା ପରି ମନେ ହେଉଛି । ସରକାରରେ ସାମିଲ ହେବାକୁ ଥିବା ମନ୍ତ୍ରୀମାନଙ୍କ ଚୟନ ପ୍ରକ୍ରିୟାରୁ ଦୂରେଇ ରହିବାର ଅସନ୍ତୋଷ ମଧ୍ୟ ସୁଦାନଙ୍କ ମୁହଁରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ରବିବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଜେନ-ଜି ଗୋଷ୍ଠୀ ସୁଶୀଳା କାର୍କିଙ୍କ ଇସ୍ତଫା ଦାବି କରିଥିଲେ । ଖବର ମୁତାବକ, ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ମନ୍ତ୍ରିମଣ୍ଡଳର ବିସ୍ତାର ହେବାକୁ ଯାଉଛି । ଏହି ସମୟରେ ତିନି ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିବେ । ସୁଶୀଳା କାର୍କିଙ୍କ ଦ୍ୱାରା ଅନେକ ମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ ହେବା ପରେ ମଧ୍ୟ, କେବଳ ତିନି ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିବେ ବୋଲି ସୂଚନା ମିଳିଛି । ଶପଥ ଗ୍ରହଣ କରୁଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଓମପ୍ରକାଶ ଆର୍ଯ୍ୟଲ, ରାମେଶ୍ୱର ଖାନଲ ଏବଂ କୁଲମାନ ଘିସିଂ ଅଛନ୍ତି । ରିପୋର୍ଟ ଅନୁଯାୟୀ, ଓମପ୍ରକାଶ ଆର୍ଯ୍ୟଲଙ୍କୁ ଗୃହମନ୍ତ୍ରୀ ଦାୟିତ୍ୱ ଦିଆଯାଇପାରେ । ତାଙ୍କୁ ନ୍ୟାୟ ମନ୍ତ୍ରଣାଳୟ ମଧ୍ୟ ଦିଆଯାଇପାରେ । ସେହିପରି ପୂର୍ବତନ ଅର୍ଥ ସଚିବ ରାମେଶ୍ୱର ଖାନଲଙ୍କୁ ଅର୍ଥମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରାଯାଇପାରେ । କୁଲମାନ ଘିସିଂଙ୍କୁ ଶକ୍ତି ମନ୍ତ୍ରଣାଳୟ ସହିତ ଅନ୍ୟ କିଛି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇପାରେ । ନେପାଳରେ ଜେନ-ଜି ବିରୋଧ ପ୍ରଦର୍ଶନ କରିବା ପରେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଏବଂ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି । ଏହାପରେ ଜେନ-ଜିଙ୍କ ସୁପାରିଶରେ ସୁଶୀଳା କାର୍କିଙ୍କୁ ଅନ୍ତରୀମ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି । ତେବେ ନେପାଳରେ ଆସନ୍ତାବର୍ଷ ମାର୍ଚ୍ଚ ୫ରେ ନିର୍ବାଚନ ହେବ ।

## ପରୀକ୍ଷା ନିୟମ କଡ଼ାକଡ଼ି କଲା ସିବିଏସ୍ଇ



ନୂଆଦିଲ୍ଲୀ : ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ (ସିବିଏସ୍ଇ) ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ ଅନୁଯାୟୀ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ନୂଆ ନିର୍ଦ୍ଦେଶିକା ଜାରି କରିଛି । ନୂଆ ନିୟମ ଅନୁସାରେ, ପରୀକ୍ଷାରେ ବସିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅତିକମ୍ ୭୫% ହାଜର ଓ ଦୁଇ ବର୍ଷର ଅଧ୍ୟୟନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ । ସିବିଏସ୍ଇ ସ୍ପଷ୍ଟ କରିଛି ଯେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଦୁଇ ବର୍ଷର କାର୍ଯ୍ୟକ୍ରମ ଭାବେ ଗଣାଯିବ, ଯଥାକ୍ରମେ ୯ମ-୧୦ମ ଓ ଏକାଦଶ-ଦ୍ୱାଦଶ ଶ୍ରେଣୀ । ଛାତ୍ରଛାତ୍ରୀଙ୍କୁ ସମସ୍ତ ବିଷୟ ପୂରା ଅବଧି ପାଇଁ ଅଧ୍ୟୟନ କରିବାକୁ ହେବ । ଏହା ସହିତ ଆଭ୍ୟନ୍ତରୀଣ ମୂଲ୍ୟାୟନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି । ନିୟମିତ ହାଜର ନହେଉଥିବା ଛାତ୍ରଛାତ୍ରୀଙ୍କର ଆଭ୍ୟନ୍ତରୀଣ ମୂଲ୍ୟାୟନ କରାଯିବ ନାହିଁ ଏବଂ ସେମାନେ 'ଏସେନ୍ସିଆଲ ରିପିଟ୍' ଶ୍ରେଣୀରେ ରହିବେ, ଯଦିଓ ସେମାନେ ନିୟମିତ ଛାତ୍ର ଭାବେ ନାମ ଲେଖାଇଥାନ୍ତି । ଅତିରିକ୍ତ ବିଷୟ ସଂପର୍କରେ ସିବିଏସ୍ଇ କହିଛି, ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପାଞ୍ଚଟି ବାଧ୍ୟତାମୂଳକ ବିଷୟ ବ୍ୟତୀତ ଦୁଇଟି ଅତିରିକ୍ତ ବିଷୟ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଗୋଟିଏ ଅତିରିକ୍ତ ବିଷୟ ନେଇପାରିବେ । ଏହି ବିଷୟଗୁଡ଼ିକ ମଧ୍ୟ ଦୁଇ ବର୍ଷ ପାଇଁ ଅଧ୍ୟୟନ କରିବାକୁ ହେବ । ସ୍କୁଲଗୁଡ଼ିକୁ କୌଣସି ବିଷୟ ପଢ଼ାଇବା ପାଇଁ ସିବିଏସ୍ଇର ପୂର୍ବ ଅନୁମୋଦନ ଓ ପର୍ଯ୍ୟାପ୍ତ ଭିତ୍ତିଭୂମି ଆବଶ୍ୟକ । ଅନୁମୋଦନ ବିନା କିମ୍ବା ସୁବିଧା ନଥିବା ସ୍କୁଲର ଛାତ୍ରଛାତ୍ରୀ ଏପରି ବିଷୟ ନେଇପାରିବେ ନାହିଁ । 'କମ୍ପାର୍ଟମେଣ୍ଟ' କିମ୍ବା 'ଏସେନ୍ସିଆଲ ରିପିଟ୍' ଶ୍ରେଣୀରେ ଥିବା ଛାତ୍ରଛାତ୍ରୀ ନିର୍ଦ୍ଦିଷ୍ଟ ସର୍ତ୍ତରେ ବ୍ୟକ୍ତିଗତ ପରୀକ୍ଷାର୍ଥୀ ଭାବେ ପୁନଃ ପରୀକ୍ଷା ଦେଇପାରିବେ । ସିବିଏସ୍ଇ ସ୍ପଷ୍ଟ କରିଛି ଯେ ଏହି ମାନଦଣ୍ଡ ପୂରଣ ନକରୁଥିବା ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ବିଷୟରେ ବ୍ୟକ୍ତିଗତ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ । ଏହି ଘୋଷଣା ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲମାନଙ୍କୁ ସିବିଏସ୍ଇ ନିୟମ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି ।

# ରାଜ୍ୟ ପୋଲିସ ପୁରୁଷ କବାଡି ଚାମ୍ପିୟାନସିପ୍ ଓ ପୋଲିସ ହ୍ୟାଣ୍ଡବଲ ଚାମ୍ପିୟାନସିପ୍ ଉଦ୍‌ଯାପିତ

ଭୁବନେଶ୍ବର/କେନ୍ଦୁଝର, ୧୫।୯ : କେନ୍ଦୁଝର ଠାରେ ୭୮ତମ ରାଜ୍ୟ ପୋଲିସ ପୁରୁଷ କବାଡି ଚାମ୍ପିୟାନସିପ୍ ଓ ଦଶମ ପୋଲିସ ହ୍ୟାଣ୍ଡବଲ ଚାମ୍ପିୟାନସିପ୍ ଉଦ୍‌ଯାପନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଗେମରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ କରି କେବଳ ଓଡ଼ିଶା ପାଇଁ ଗୌରବ ନୁହେଁ ବରଂ ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।

ସୂଚନା ଯୋଗ୍ୟ ଯେ, କବାଡି ଚାମ୍ପିୟାନସିପ୍ ରେ ରାଉରକେଲାର ପୋଲିସ ଚତୁର୍ଥ ବାଟାଲିୟନ କୁ ହରାଇ କଟକ ପୋଲିସ ଷଷ୍ଠ ବାଟାଲିୟନ ବିଜୟୀ ହୋଇଥିବା ବେଳେ ଓ ହ୍ୟାଣ୍ଡବଲ ଚାମ୍ପିୟାନସିପ୍ ରେ ଢେଙ୍କାନାଳ ଜିଲ୍ଲା କେନ୍ଦୁଝର ଜିଲ୍ଲାକୁ ହରାଇ ବିଜୟୀ ହୋଇଥିଲା ବିଜୟୀ ଓ ରନର୍ସ ଅପ ଦଳକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ପୋଲିସ ବଳରେ ଏହିପରି କ୍ରୀଡା ପ୍ରତିଯୋଗିତା ସୁସ୍ଥ, ଶୃଙ୍ଖଳିତ ଓ ପ୍ରେରଣାଦାୟକ ପରିବେଶ ଗଠନ କରୁଛି ଆଜିର ଏହି ପ୍ରତିଯୋଗୀତାରେ ଯେଉଁ କ୍ରୀଡା ପ୍ରତିଭାମାନେ ଖେଳୁଛନ୍ତି, ସେମାନେ କାଲି ଜାତୀୟ ଦଳର ସଦସ୍ୟ, ଏସିଆନ୍ ଗେମ୍ସର ପଦକ ବିଜେତା, କିମ୍ବା ଓଲିମ୍ପିକ୍ସ ଚାମ୍ପିୟାନ ହେବେ ପୋଲିସ ସେବାରୁ ଆସିଥିବା ପ୍ରେରଣାଦାୟକ ନାମଗୁଡ଼ିକ ସେଥିପାଇଁ ପଥପ୍ରଦର୍ଶକ ଆମେ ଭାରତୀୟ କ୍ରୀଡାକୁ ଯଦି ଆଜି ବିଶ୍ୱସ୍ତରରେ ଗର୍ବର ସହିତ ଦେଖୁଛୁ, ତାହାର ପଛରେ ରହିଛି ପୋଲିସ, ସେନା ଓ ପାରାମିଲିଟାରି ବଳର ଅସାଧାରଣ ଅବଦାନ ଏଣୁ ସୁସ୍ଥ ଯୁବଶକ୍ତି,



ସୁସ୍ଥ ଓଡିଶା ମୂଳମନ୍ତ୍ରରେ ଆମେ ବିଶ୍ୱାସ କରୁ।ପୋଲିସବଳ ହେଉଛନ୍ତି ଯେ କୌଣସି ରାଜ୍ୟର ମେରୁଦଣ୍ଡ ସଦୃଶ ପୋଲିସବଳ କୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ସମୁଦାୟ ୧୬ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ ପୂରଣ କରାଯିବ ଖାଲି ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟ ପୋଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ ହଜାର ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ପୋଲିସ ନିମନ୍ତେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଭିଜନ ଉପରେ ଗୁରୁତ୍ୱ ଦେଇ ଗଠନର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଆମ ସରକାର ବଦ୍ଧପରିକର ବୋଲି କହିଛନ୍ତି ।କବାଡି ଏକ ଏହିପରି ଖେଳ, ଯାହା ଆମକୁ ସାହସ, ସ୍ୱନିୟନ୍ତ୍ରଣ ଓ ତୀବ୍ର ସିଦ୍ଧାନ୍ତ ନେବାର କ୍ଷମତା ଶିଖାଇଥାଏ ଏହି ଖେଳ ଆମକୁ ଶିଖାଇଥାଏ ଯେ, ସାହସ ସହିତ ପଦକ୍ଷେପ ନିଆଗଲେ, ସଫଳତା ନିଶ୍ଚିତ ହ୍ୟାଣ୍ଡବଲ ଖେଳରେ ହେଉଥିବା ପ୍ରତ୍ୟେକ ପାସ୍, ପ୍ରତ୍ୟେକ ଲକ୍ଷ୍ୟ ଏବଂ ପ୍ରତ୍ୟେକ ପ୍ରତିରକ୍ଷା କୌଶଳ କେବଳ ସେହି କୋର୍ଟରେ ଆବଦ୍ଧ ନୁହେଁ ବରଂ ସମସ୍ତଙ୍କ ବ୍ୟକ୍ତିଗତ ଜୀବନରେ - ସ୍ଥିରତା, ଶୃଙ୍ଖଳା ଏବଂ ପରସ୍ପର ପ୍ରତି ସମ୍ମାନ ଭାବ ମଧ୍ୟ ବିକଶିତ କରିଥାଏ ବୋଲି ସେ କହିଥିଲେ।ସେ ଆହୁରି କହିଥିଲେ ଯେ, ନୂଆ ସରକାର ଆସିବା ପରେ ରାଜ୍ୟରେ ଆମେ କ୍ରୀଡ଼ାକୁ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।୨୦୨୫-୨୬ ରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ। ଏହି ଅବସରରେ ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡ଼ି.ଜି. ଯୋଗେଶ ବହାଦୁର ଖୁରାନିଆ, ଏସ.ଟି.ଏ କମିଶନର ଅମିତାଭ ଠାକୁର, ଡ଼ି.ଆଇ.ଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।


# ଭାରତର ଅଣଦେଖା ପରେ 'ବୟକଟ୍'ର ଧମକ ଦେଲା ପାକିସ୍ତାନ

ଦୁବାଇ, ୧୫।୯ : ଯଦି ଆଇସିସି ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରା ନ ଯିବ, ତା'ହେଲେ ୟୁଏଇ ବିପକ୍ଷ ନିଜର ଶେଷ ଲିଗ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିବ ବୋଲି ଧମକ ଦେଇଛି।

ଭାରତ ଠାରୁ ଲଜ୍ଜାଜନକ ପରାଜୟ ପରେ ହତାଶ ହୋଇ ପଡିଥିବା ପାକିସ୍ତାନ କ୍ରିକେଟ ଟିମ ନୂଆ ଭେଳିକି ଦେଖାଇବା ଆରମ୍ଭ କରିଛି। ଭାରତ ବିପକ୍ଷ ମ୍ୟାଚ୍‌ରେ ହାରିବା ପରେ ମଧ୍ୟ ପାକିସ୍ତାନର ଖେଳାଳିମାନେ ହାତ ମିଳାଇବାକୁ ଛିଡି ଆସିଥିଲେ। କିନ୍ତୁ ଭାରତୀ କୌଣସି ଖେଳାଳି ସେମାନଙ୍କ ସହ ହାତ ମିଳାଇ ନଥିଲେ କିମ୍ବା କଥା ହୋଇ ନଥିଲେ। ଏସିଆ କପ ଭଳି ବଡ ମଞ୍ଚରେ ଏପରି ଅପମାନିତ ହୋଇଥିବା ପାକିସ୍ତାନ ଏବେ ବୟକଟର ଧମକ ଦେଇଛି।

ଯଦି ଆଇସିସି ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରା ନ ଯିବ, ତା'ହେଲେ ୟୁଏଇ ବିପକ୍ଷ ନିଜର ଶେଷ ଲିଗ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିବ ବୋଲି ଧମକ ଦେଇଛି।

ରବିବାର ଦୁବାଇରେ ଅନୁଷ୍ଠିତ ମ୍ୟାଚ୍‌ର ଟସ୍ ବେଳେ ଭାରତର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ତାଙ୍କ



ପାକିସ୍ତାନୀ ପ୍ରତିପକ୍ଷ ସଲମାନ ଅଲୀ ଆଘାଙ୍କ ସହ ହାତ ମିଳାଇ ନଥିଲେ। ଭାରତ ୭ ଓ୍ୱିକେଟରେ ଜିତିବା ପରେ ଖେଳାଳିମାନେ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇ ସିଧା ଡ୍ରେସିଂ ରୁମକୁ ଚାଲି ଯାଇଥିଲେ। ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଏହି ମ୍ୟାଚ୍ ଖେଳା ଯାଉଥିବା ବେଳେ ଭାରତୀୟ କ୍ରିକେଟ ଟିମ ପାକିସ୍ତାନକୁ ଅଣ ଦେଖା କରିଥିଲା।

ମ୍ୟାଚ୍ ପରେ ଭାରତୀୟ ଖେଳାଳି ହାତ ମିଳାଇ ନଥିବାରୁ ଏହା କ୍ରୀଡା ମନୋଭାବ ବିରୋଧୀ ବୋଲି ଅଭିଯୋଗ କରି ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରଥମେ ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟଙ୍କ ନିକଟରେ ଅଭିଯୋଗ କରିଥିଲା। ହେଲେ ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟ ପିସିବି କଥାରେ କାମ ନ କରିବାରୁ ଏବେ ତାଙ୍କୁ ବହିଷ୍କାର କରିବାକୁ ପାକିସ୍ତାନ ଦାବି କରିଛି।

ରିପୋର୍ଟ ଅନୁସାରେ, ମଙ୍ଗଳବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ମ୍ୟାଚ୍ ରହିଛି। ଏହା ପୂର୍ବରୁ ଯଦି ଆଣ୍ଡୀ ପୟକ୍ରଫ୍ଟଙ୍କୁ ଏସିଆ କପ ମ୍ୟାଚ୍ ରେଫରୀ ପ୍ୟାନେଲରୁ ହଟା ନ ଯିବ, ତା'ହେଲେ ପାକିସ୍ତାନ ମଙ୍ଗଳବାର ମ୍ୟାଚ୍‌କୁ ବୟକଟ କରିବାକୁ ଧମକ ଦେଇଛି।

## ପିସିବିରେ ହଇଚଇ, ହଟିଲେ ବଡ଼ ଅଧିକାରୀ

ଲାହୋର, ୧୫।୯: ଏସିଆ କପରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଖେଳାଳିମାନେ ହାତ ନ ମିଳାଇବା ଘଟଣା ପରେ, ପାକିସ୍ତାନ ଅପମାନିତ ଅନୁଭବ କରୁଛି। ଏହାକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡରେ ହଇଚଇ ସୃଷ୍ଟି ହୋଇଛି। ଏହା ପରେ ପିସିବି ଅଧ୍ୟକ୍ଷ ମହସିନ ନକବି ପିସିବିର ଅନ୍ତର୍ଜାତୀୟ କ୍ରିକେଟ ନିର୍ଦ୍ଦେଶକ ଉସମାନ ବହଲାଙ୍କୁ ହଟାଇଦେଇଛନ୍ତି । ମ୍ୟାଚ୍ ପୂର୍ବରୁ ଓ ପରେ ହୋଇଥିବା ବିବାଦାସ୍ପଦ ଘଟଣାକୁ ରୋକିବାରେ ବିଫଳ ହୋଇଥିବାରୁ ଉସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉସମାନ ୱାହାଲା ଗତ ଦୁଇ ବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ ଏବଂ ସେ ପାକିସ୍ତାନ ସୁପର ଲିଗର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ସେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସମୟ ମଧ୍ୟରେ ସମାଧାନ କରିବାରେ ବିଫଳ ହେବାର ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଭାରତର ଆଚରଣ ଖେଳଭାବନାର ବିରୋଧୀ ବୋଲି ପାକିସ୍ତାନର ପୂର୍ବତନ ଖେଳାଳି ଓ ନେତାମାନେ ମତ ଦେଇଛନ୍ତି । ମ୍ୟାଚ୍ ପୂର୍ବରୁ ଓ ପରେ ହୋଇଥିବା ବିବାଦାସ୍ପଦ ଘଟଣାକୁ ରୋକିବାରେ ବିଫଳ ହୋଇଥିବାରୁ ଉସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉସମାନ ୱାହାଲା ଗତ ଦୁଇ ବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ ଏବଂ ସେ ପାକିସ୍ତାନ ସୁପର ଲିଗର ଅଧ୍ୟକ୍ଷ ମଧ୍ୟ ଅଛନ୍ତି।ସୂଚନାଯୋଗ୍ୟ ଯେ, ରବିବାର ଭାରତ-ପାକିସ୍ତାନ ମ୍ୟାଚ୍‌ର ଟସ ପଡ଼ିବା ସମୟରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନୀ ଅଧିନାୟକ ସଲମାନ ଆଗାଙ୍କ ସହ ହାତ ମିଳାଇନଥିଲେ । ଏପରିକି ମ୍ୟାଚ୍ ପରେ ବି ଖେଳାଳିମାନେ ହାତ ମିଳାଇନଥିଲେ । ଏଥିରେ ଖପ୍ପା ହୋଇ ପିସିବି ଆଇସିସି ନିକଟରେ ଏକ ଆବେଦନ କରି ଭାରତ-ପାକିସ୍ତାନ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପରୁ ହଟାଇବା ପାଇଁ ଦାବି କରିଛି।

ରବିବାର ମ୍ୟାଚ୍ ଭଳି ମଙ୍ଗଳବାର ମ୍ୟାଚ୍‌ରେ ମଧ୍ୟ ଆଣ୍ଡୀ ପୟକ୍ରଫ୍ଟଙ୍କୁ ମ୍ୟାଚ୍ ରେଫରୀ ଭାବେ ନିଯୁକ୍ତ କରାଯାଇଛି। ହେଲେ ପିସିବି ବିଧିବଦ୍ଧ ଭାବେ ଏସିଆନ କ୍ରିକେଟ କାଉନସିଲକୁ ଏହା ବିରୋଧରେ ଚିଠି ଲେଖିଛି ।ସେହିପରି ପିସିବି ତଥା ଏସିସି ମୁଖ୍ୟ ମୋହଶିନ ନକବୀ ମଧ୍ୟ ଆଣ୍ଡୀ ପୟକ୍ରଫ୍ଟଙ୍କ ବିରୋଧରେ ଗୋଟିଏ ଅଭିଯୋଗ ଆଇସିସି ପାଖରେ ଦାଖଲ କରିଛନ୍ତି ।ନକବୀ ଏକ୍ସରେ ଲେଖିଛନ୍ତି ଯେ " ମ୍ୟାଚ୍ ରେଫରୀ କ୍ରୀଡା ମନୋଭାବ ସମ୍ପର୍କରେ ଆଇସିସିର ଆଚରଣ ବିଧି ଓ ଏମସିସି ପ୍ରସ୍ତୁତ କରିଥିବା ଆଇନର ଉଲ୍ଲଙ୍ଘନ କରିଥିବାରୁ ପିସିବି ପକ୍ଷରୁ ଆଇସିସି ନିକଟରେ ଗୋଟିଏ ଅଭିଯୋଗ ଦାଖଲ କରାଯାଇଛି । ଏସିଆ କପରୁ ଉଲ୍ଲଙ୍ଘନକାରୀ ମ୍ୟାଚ୍ ରେଫରୀଙ୍କୁ ତୁରନ୍ତ ହଟାଇବାକୁ ପିସିବି ଦାବି କରୁଛି ।"ଅନ୍ୟପକ୍ଷରେ ଏସିଆନ କ୍ରିକେଟ କାଉନସିଲ ସୂତ୍ରରୁ ଜଣାପଡିଛି ଯେ ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟ ଖେଳ ଶେଷ ହେବା ପରେ ଭାରତ ଓ ପାକିସ୍ତାନର ଖେଳାଳି ପରସ୍ପର ସହ ହାତ ମିଳାବେ ନାହିଁ କଥା ସଲମାନ ଆଘାଙ୍କୁ କହିବାକୁ ଭୁଲି ଯାଇଥିଲେ। ଏଥିପାଇଁ ସଲମାନ ହାତ ମିଳାଇବାକୁ ଆସି ନିରାଶ ହୋଇଥିଲେ। ମ୍ୟାଚ୍ ପରେ ଏଥିପାଇଁ ଆଣ୍ଡୀ ପୟକ୍ରଫ୍ଟ ମଧ୍ୟ ପାକିସ୍ତାନ ଖେଳାଳିଙ୍କୁ କ୍ଷମା ମାଗିଥିଲେ। ତଥାପି ତାଙ୍କୁ ହଟାଇବା ଜିଦରେ ପାକିସ୍ତାନ ରହିଛି।

## ଏସିଆ କପ୍ ୨୦୨୫: ସୁପର ୪ରେ ଭାରତ, ପାକିସ୍ତାନର ବଢ଼ିଲା ଚିନ୍ତା

ଦୁବାଇ, ୧୫।୯: ଏସିଆ କପ୍ ୨୦୨୫ରେ ସୋମବାର ମ୍ୟାଚ୍ ୭ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓମାନକୁ ୪୨ ରନରେ ପରାସ୍ତ କରିବା ପରେ ଭାରତ ସୁପର ୪ ପାଇଁ ଯୋଗ୍ୟତା ଅର୍ଜନ କରିଛି । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାକିସ୍ତାନ ଓ ୟୁଏଇକୁ ବଡ଼ ବ୍ୟବଧାନରେ ହରାଇ ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଆଗେଇ ଚାଲିଛି।

ୟୁଏଇର ଓପନର ୱାସିମ ୫୪ ବଲରୁ ୬୯ ଓ ଶରାଫୁ ୩୮ ବଲରୁ ୫୧ ରନ କରି ୧୭୨/୫ର ସ୍କୋର କରିଥିଲେ ଓମାନ ୧୮.୪ ଓଭରରେ ୧୩୦ ରନରେ ଅଲଆଉଟ ହୋଇଥିଲା ୟୁଏଇର ସିଦ୍ଦିକି ଓ ହାଇଦର ଆଲୀ ଦୁଇଟି ଲେଖାଏଁ ଉଇକେଟ ନେଇ ଓମାନକୁ ୫୦/୫ରେ ପହଞ୍ଚାଇଥିଲେ ମହମ୍ମଦ ଜାୱୁଲ୍ଲାଙ୍କ ୨/୧୮ ପ୍ରଦର୍ଶନ ଓମାନର ଆଶା ଭାଙ୍ଗିଥିଲା। ୟୁଏଇ ବୁଧବାର ପାକିସ୍ତାନ ବିପକ୍ଷରେ ଖେଳିବ, ଯାହା ସୁପର ୪ ପାଇଁ ନିର୍ଣ୍ଣାୟକ ହୋଇପାରେ ଭାରତ ଓମାନ ବିପକ୍ଷେ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ ୟୁଏଇ ଓ ଓମାନ ପ୍ରଥମ ମ୍ୟାଚରେ ଯଥାକ୍ରମେ ଭାରତ ଓ ପାକିସ୍ତାନଠାରୁ ହାରିଥିଲେ।

# ସିରାଜଙ୍କୁ ଆଇସିସିର ବଡ଼ ପୁରସ୍କାର

ଦୁବାଇ, ୧୫।୯: ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମିଳିଛି ଆଇସିସିର ବଡ ପୁରସ୍କାର। ଇଂଲଣ୍ଡ ବିପକ୍ଷ ସିରିଜରେ ନିଜର ଦମ ଦେଖାଇଥିବା ସିରାଜ ଅଗଷ୍ଟ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ହେବାର ମାନ୍ୟତା ପାଇଛନ୍ତି। ଅଗଷ୍ଟ ମାସରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ସିରାଜ ଓଭାଲରେ ଖେଳିଥିଲେ। ଉକ୍ତ ମ୍ୟାଚ୍‌ରେ ସେ ଦମଦାର ପ୍ରଦର୍ଶନ କରିଥିଲେ ବୋଲି ଆଇସିସି ୱେବସାଇଟରେ ଉଲ୍ଲେଖ କରାଯାଇଛି।

ଓଭାଲ ଟେଷ୍ଟରେ ୨୧.୧୧ ହାରରେ ସିରାଜ ଉଭୟ ଇନିଂସରେ ମୋଟ ୯ଟି ଓ୍ୱିକେଟ ଦଖଲ କରିଥିଲେ। ଏହି ପ୍ରଦର୍ଶନ ଯୋଗୁ ଭାରତ କେବଳ ସିରିଜ ଜିତି ନଥିଲା, ବରଂ ସିରିଜ୍‌କୁ ଇଂଲଣ୍ଡ ସହ ୨-୨ରେ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଦ୍ରୁତ ବୋଲର ସିରାଜ ଓଭାଲ ଟେଷ୍ଟରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ବି ଜିତିଥିଲେ। ଦ୍ୱିତୀୟ ଇନିଂସରେ ସେ ଏକାକୀ ୪୬ ଓଭର ବୋଲିଂ କରି ୫ ଓ୍ୱିକେଟ ଦଖଲ କରିଥିଲେ।




ଅଗଷ୍ଟ ମାସର ଶ୍ରେଷ୍ଠ ଖେଳାଳି ଦୌଡରେ ସିରାଜଙ୍କ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ଓ ୱେଷ୍ଟଇଣ୍ଡିଜର ଜୟଡେନ ସେଲ୍ସ ରହିଥିଲେ। କିନ୍ତୁ ସିରାଜ ଉଭୟଙ୍କୁ ପଛରେ ପକାଇ ଆଇସିସିର ମାସିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି ।ଇଂଲଣ୍ଡ ବିପକ୍ଷ ୫ଟି ଯାକ ଟେଷ୍ଟରେ ସିରାଜ ଏକମାତ୍ର ଦ୍ରୁତ ବୋଲର ଭାବେ ନଜର ଆସିଥିଲେ। ସେ ସବୁ ମ୍ୟାଚ୍‌ରେ ସମାନ ଢଙ୍ଗରେ ବୋଲିଂ କରି ସିରିଜରେ ସର୍ବାଧିକ ଓ୍ୱିକେଟ(୨୩) ମଧ୍ୟ ଦଖଲ କରିବାକୁ ସକ୍ଷମ ହୋଇଥିଲେ। ମାସର ଶ୍ରେଷ୍ଠ ଖେଳାଳି ହେବା ପରେ ସିରାଜ କହିଛନ୍ତି ଯେ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ଖେଳାଳି ମାନ୍ୟତା ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ସମ୍ମାନ। ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଗୋଟିଏ ସ୍ମରଣୀୟ ସିରିଜ ବୋଲି କହିଛନ୍ତି।

# ଦଲିପ ଟ୍ରଫି ବିଜୟ ଦ୍ୱାରରେ କେନ୍ଦ୍ରାଞ୍ଚଳ: ସାରାଂଶ, କାର୍ତିକେୟଙ୍କୁ ୮-୮ ଓ୍ୱିକେଟ୍

ବେଙ୍ଗାଲୁରୁ ୧୫।୯: ରଜତ ପଟିଦାରଙ୍କ ବେଳ ଭଲ ଚାଲିଛି। ସା ୩ ମାସ ତଳେ ଆର୍‌ସିବିକୁ ସର୍ବପ୍ରଥମ ଆଇପିଏଲ୍ ମୁକୁଟ ଦେଇଥିବା ପଟିଦାର ଆଉ ଏକ ଘରୋଇ କ୍ରିକେଟ୍ ଟ୍ରଫି ବିଜୟକୁ ନିଶ୍ଚିତ କରିଛନ୍ତି। ତାଙ୍କ ନେତୃତ୍ୱାଧୀନ କେନ୍ଦ୍ରାଞ୍ଚଳ ୨୦୨୫-୨୬ ଋତୁର ପ୍ରଥମ ଘରୋଇ ପ୍ରତିଯୋଗିତା ଦଲିପ ଟ୍ରଫି ଜିତିବାର ଦ୍ୱାରଦେଶରେ ପହଞ୍ଚିଯାଇଛି। କେନ୍ଦ୍ରାଞ୍ଚଳ ସମ୍ମୁଖରେ ମାତ୍ର ୬୫ ରନ୍‌ର ବିଜୟ ଲକ୍ଷ୍ୟ ରହିଛି। ସୋମବାର ପଞ୍ଚମ ଦିନରେ ଏହି ଲକ୍ଷ୍ୟକୁ କେନ୍ଦ୍ରାଞ୍ଚଳ ସହଜରେ ହାସଲ କରିନେବ ବୋଲି ବିଶ୍ୱାସ ରହିଛି ।ପ୍ରଥମ ପାଳିରେ ଦକ୍ଷିଣାଞ୍ଚଳର ୧୪୯ ରନ୍ ଜବାବରେ କେନ୍ଦ୍ରାଞ୍ଚଳ ୫୧୧ ରନ୍ କରିଥିଲା। ରବିବାର ପୂର୍ବଦିନର ସ୍କୋର୍ ୧୨୯/୨ରୁ ପୁନଃ ଖେଳିଥିବା ଦକ୍ଷିଣାଞ୍ଚଳ ଦ୍ୱିତୀୟ ପାଳିରେ ୪୨୬ ରନ୍ କରି ସମସ୍ତ ଓ୍ୱିକେଟ୍ ହରାଇବାରୁ କେନ୍ଦ୍ରାଞ୍ଚଳ ବିଜୟ ପଥ ସୁଗମ ରହିଛି। ପଟିଦାରଙ୍କ ଦଳର ଦୁଇ ସ୍ପିନର ବାମହାତୀ କୁମାର କାର୍ତ୍ତିକେୟ (୪/୫୨ ଓ ୪/୧୧୦) ଏବଂ ଅଫ୍‌ସ୍ପିନର୍ ସାରାଂଶ ଜୈନ (୫/୪୯ ଓ ୩/୧୩୦) ଉଭୟ ପାଳିରେ ୮ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିବା ନିର୍ଣ୍ଣାୟକ ହୋଇଛି। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ପାଳିରେ ଅଙ୍କିତ ଶର୍ମା (୯୯) ଓ ସି ଆନ୍ଦ୍ରେ ସିଦ୍ଧାର୍ଥ (୮୪) ଶତକରୁ ବଞ୍ଚିତ ରହିଥିଲେ।

# ଇତିହାସ ରଚିଲେ ସର୍ବେଶ

## ହାଇଜମ୍ପ୍ ଫାଇନାଲ୍‌ରେ ପହଞ୍ଚିବାରେ ପ୍ରଥମ ଭାରତୀୟ


ଟୋକିଓ ୧୫।୯: ଚଳିତ ବିଶ୍ୱ ଦେଉଡ଼କୁଦ ପ୍ରତିଯୋଗିତାରେ ଇତିହାସ ରଚିଛନ୍ତି ସର୍ବେଶ କୁଶାରେ। ପ୍ରଥମ ଭାରତୀୟ ହାଇଜମ୍ପର୍ ଭାବେ ଫାଇନାଲ୍‌ରେ ପହଞ୍ଚିବାରେ ଗୌରବ ଅର୍ଜନ କରିଛନ୍ତି ସେ। ସ୍ଥାନୀୟ ନ୍ୟାସ୍‌ନାଲ୍ ଷ୍ଟାଡିୟମ୍‌ରେ ଏହି ୩୦ ବର୍ଷୀୟ ଭାରତୀୟ ୨.୨୫ ମିଟର ମାର୍କକୁ ନିଜର ଦ୍ୱିତୀୟ ପ୍ରୟାଶରେ ପାର୍ କରି ୧୩ ଜଣିଆ ଫାଇନାଲିଷ୍ଟଙ୍କ ମଧ୍ୟରେ ନବମ ସ୍ଥାନରେ ରହିଥିଲେ। ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପୂର୍ବରୁ ୨.୨୭ ମିଟର (୨୦୨୨) ରହିଥିଲା। ଗତ ମାସରେ ଚେନ୍ନାଇରେ ଆୟୋଜିତ ୬୪ତମ ଜାତୀୟ ଅନ୍ତଃରାଜ୍ୟ ଦେଉଡ଼କୁଦରେ ୨.୨୪ ମିଟର ଡେଇଁ ବିଜେତା ହୋଇଥିବା ସର୍ବେଶ ଚଳିତ ଋତୁରେ ଦୁଇ ଥର ୨.୨୬ ମିଟର ମାର୍କ ଛୁଇଁଥିଲେ। ତେବେ ଏହି ପ୍ରତିଯୋଗିତାରୁ ଟୋକିଓ ଅଲିମ୍ପିକ୍ସ ବିଜେତା ଜିଆନ୍‌ମାର୍କୋ ତାମ୍ବେରି (୨.୧୬ ମିଟର) ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ସର୍ବେଶ ମଙ୍ଗଳବାର ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୦,୦୦୦ ମିଟରରେ ଭାରତୀୟ ଧାବକ ଗୁଲବୀର ସିଂହ (୨୯:୧୩.୩୩) ୧୬ତମ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଫ୍ରାନ୍ସର ଜିମି ଗ୍ରେସିଅର (୨୮:୫୫.୭୭) ସ୍ୱର୍ଣ୍ଣ, ଇଥିଓପିଆର ୟୋମିଫ କେଜେଲଚା (୨୮.୫୫.୯୩) ରୌପ୍ୟ ଏବଂ ସ୍ୱିଡେନ୍‌ର ଆନ୍ଦ୍ରିଜ୍ ଆଲ୍‌ମଗ୍ରେନ୍ (୨୮:୫୬.୦୨) କାଂସ୍ୟ ଜିତିଥିଲେ।




ପ୍ୟାରିସ୍ ଅଲିମ୍ପିକ୍ସ ଓ ବୁଦାପେଷ୍ଟ ବିଶ୍ୱ ପୁରୁଷ ୧୦୦ ମିଟର ବିଜେତା ଆମେରିକାର ନୋଆ ଲିଲିଜ୍ ଟୋକିଓ ବିଶ୍ୱ ଦେଉଡ଼କୁଦରେ ସ୍ୱର୍ଣ୍ଣ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ତାଙ୍କୁ ପଛରେ ପକାଇ ଜାମାଇକାର ଓବ୍‌ଲିକ୍ ସେଭିଲେ (୯.୭୭) ସ୍ୱର୍ଣ୍ଣ ଜିତିଥିଲା ବେଳେ କିଶାନ ଥମ୍ପସନ୍ (୯.୮୨) ରୌପ୍ୟ ପାଇଥିଲେ। ନୋଆ (୯.୮୯) ଋତୁ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ସେହିପରି ପ୍ୟାରିସ୍ ଅଲିମ୍ପିକ୍ସ ଓ ବୁଦାପେଷ୍ଟ ବିଶ୍ୱ ମହିଳା ୧୦୦ ମିଟର ବିଜୟିନୀ ଆମେରିକାର ସାକାରି ରିଚାର୍ଡସନ୍ (୧୦.୯୪) ପଞ୍ଚମ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଆମେରିକାର ମେଲିସା ଜେଫରସନ୍ ଉଡେନ୍ (୧୦.୬୧) ସ୍ୱର୍ଣ୍ଣ, ଜାମାଇକାର ଟିନା କ୍ଲେଟନ୍ (୧୦.୭୬) ରୌପ୍ୟ ଏବଂ ସେଣ୍ଟ ଲୁସିଆର ଜୁଲିଏନ୍ ଆଲ୍‌ଫ୍ରେଡ୍ (୧୦.୮୪) କାଂସ୍ୟ ପାଇଥିଲେ।

# ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍: ସେଭିଲ, ଜେଫରସନ ବିଶ୍ୱର ଦ୍ରୁତତମ ରନର

ଟୋକିଓ, ୧୫।୦୯: ଜାମାଇକାର ଓବ୍ଲିକ ସେଭିଲ ଓ ଆମେରିକାର ମେଲିସା ଜେଫରସନ- ଉଡେନ ଯଥାକ୍ରମେ ବିଶ୍ବର ନୂଆ ଦ୍ରୁତତମ ପୁରୁଷ ଓ ମହିଳା ହେବାର ଗୌରବ ଲାଭ କରିଛନ୍ତି ବିଶ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୦ତମ ସଂସ୍କରଣର ଦ୍ବିତୀୟ ଦିବସରେ ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ୧୦୦ ମିଟର ଦୌଡ଼ ଉଭୟ ପୁରୁଷ ଓ ମହିଳାରେ ବିଶ୍ବକୁ ମିଳିଥିଲେ ନୂଆ ବିଶ୍ ଚାମ୍ପିଅନ ପୁରୁଷ ୧୦୦ ମିଟରରେ ଜାମାଇକାର ଦବ୍‌ଦବା ଦେଖିବାକୁ ମିଳିଥିଲା ।୨୪ ବର୍ଷୀୟ ସେଭିଲ ପ୍ରଥମ ବିଶ୍ବ ଟାଇଟଲ ଜିତିବାରେ ସଫଳ ହୋଇଥିଲେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୯.୭୭ ସେକେଣ୍ଡ ସହ ଟାଇଟଲ ହାସଲ କରିଥିଲେ ୟୁସେନ ବୋଲ୍ଟଙ୍କ ପରେ ପ୍ରଥମ ଜାମାଇକା ପୁରୁଷ ଧାବକ ଭାବେ ବିଶ୍ ଚାମ୍ପିଅନ ହୋଇଛନ୍ତି ସେଭିଲ । ସାଥି କିଷନେ ଥମ୍ପସନ ୯.୮୨ ସେକେଣ୍ଡ ସହ ରୌପ୍ୟ ଏବଂ ଆମେରିକାର ନୋଆ। ଲାଇଲ୍ସ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୯.୮୯ ସେକେଣ୍ଡ ଦେଇ ବ୍ରୋଞ୍ଜ ଜିତିଥିଲେ ସେଭିଲଙ୍କର ଏହା ଦ୍ୱିତୀୟ ବିଶ୍ ଚାମ୍ପିଅନସିପ୍ ପଦକ ପୂର୍ବ ସଂସ୍କରଣରେ ସେ ୪+୧୦୦ ମିଟର ରିଲେରେ ବ୍ରୋଞ୍ଜ ଜିତିଥିଲେ। ବୋଟସ୍ୱାନାର ୨୦୦ ମିଟରରେ ପ୍ୟାରିସ ଅଲିମ୍ପିକ୍ସ ଚାମ୍ପିଅନ ଏବଂ ୧୦୦ ମିଟରରେ ରୌପ୍ୟ ବିଜେତା ଲେଟସିଲେ ତେବୋଗୋ ଫାଇନାଲରେ ତ୍ରୁଟିପୂର୍ଣ୍ଣ ଆରମ୍ଭ ଯୋଗୁ ଅଯୋଗ୍ୟ ଘୋଷିତ ହୋଇଥିଲେ । ମହିଳାରେ ଆମେରିକାର ୨୪ ବର୍ଷୀୟା ମେଲିସା ଜେଫରସନ-ଉଡେନ ନୂଆ ଚାମ୍ପିଅନସିପ୍ ରେକର୍ଡ (୧୦.୬୧ ସେକେଣ୍ଡ) ସହ ଜୀବନରେ ପ୍ରଥମ ବିଶ୍ ଟାଇଟଲ ହାସଲ କରିଥିଲେ । ଜାମାଇକାର ଟିନା କ୍ଲେଟନ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ (୧୦.୭୬) ଦେଇ ରୌପ୍ୟ ଏବଂ ସେଣ୍ଟ ଲୁସିଆର ଅଲିମ୍ପିକ୍ସ ଚାମ୍ପିଅନ ଜୁଲିଏନ ଆଲଫ୍ରେଡ୍ (୧୦.୮୪ ) ବ୍ରୋଞ୍ଜ ପଦକ ଜିତିଥିଲେ। ଜେଫରସନ ପ୍ୟାରିସ ଅଲିମ୍ପିକ୍ସରେ ୧୦୦ ମିଟରରେ ବ୍ରୋଞ୍ଜ ଓ ୪ଢ଼୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ଜିତିଥିଲେ। ସେମିତି ବିଶ୍ ଚାମ୍ପିଅନସିପର ୨୦୨୨ ଓ ୨୦୨୩ ରିଲେରେ ସ୍ୱର୍ଣ୍ଣ ଜିତିଥିଲେ ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ